## ଅସୁରକ୍ଷିତ ସମ୍ବଲପୁର ଜିଲ୍ଲାର ରାଜପଥ

# ଗୋଟିଏ ଦିନରେ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ

**ସମ୍ବଲପୁର, ୧୮ ।୨(ସମିସ):**




ଅସୁରକ୍ଷିତ ହେଲାଣି ସମ୍ବଲପୁର ଜିଲ୍ଲାର ରାଜପଥ ।ପ୍ରତିଦିନ କେହି ନା କେହି ଦୁର୍ଘଟଣାରେ ଜୀବନ ହାରୁଛନ୍ତି । ମଙ୍ଗଳବାର ସମ୍ବଲପୁର ଜିଲ୍ଲାରେ ଗୋଟିଏ ଦିନରେ ଦୁଇଟି ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁଇଟି ପୃଥକ ଦୁର୍ଘଟଣାରେ ଦୁଇ ଜଣଙ୍କ ଜୀବନ ଯାଇଛି । ପ୍ରଥମେ କୁଚିଣ୍ଡାରେ କୁଚିଣ୍ଡା ବିଡିଓଙ୍କ ଗାଡ଼ି ଧକ୍କାରେ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ସମ୍ବଲପୁର ଅଇଁଠାପାଲି ଛକରେ ଜଣେ ବାଇକ୍ ଉପରେ ଭାରସାମ୍ୟ ହରାଇ ହାଇୱା ଚଢ଼ିଯିବା ଫଳରେ ଘଟଣାସ୍ଥଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ଗୋଟିଏ ଦିନରେ ୨ଟି ପୃଥକ ଦୁର୍ଘଟଣାରେ ୨ଜଣଙ୍କ ଜୀବନ ଯାଇଛ । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି । ସୂଚନା ଅନୁସାରେ କୁଚିଣ୍ଡା ବିଡିଓ ଜୟନ୍ତ ସାହୁ ସରକାରୀ ଗାଡିରେ କୁସୁମୀରୁ କୁଚିଣ୍ଡା ଆସୁଥିଲେ । କୁଚିଣ୍ଡା ଥାନା ମନ୍ତ୍ରୀ ମୁଣ୍ଡାଠାରେ କୁଚିଣ୍ଡା ବିଡିଓଙ୍କ ଗାଡି ଗୋଟିଏ ସ୍କୁଟିକୁ ଧକ୍କା ଦେଇଥିଲା ।ଗାଡି ଧକ୍କାରେ ସ୍କୁଟି ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି ମୃତକ ଜଣକ ହେଲେ କୁଚିଣ୍ଡା ଥାନା କୁଣ୍ଡେସରର ଶଙ୍କର ମୁଣ୍ଡା । ତେବେ ଘଟଣା ପରେ ଉତ୍ତେଜନା ଆରମ୍ଭ ହେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

ସେହିପରି ସମ୍ବଲପୁର ଅଇଁଠାପାଲି ଛକରେ ଅପରାହ୍ନ ୪ ଟାରେ ସମ୍ବଲପୁର ଅଇଁଠାପାଲି ଛକରେ ଜଣେ ବାଇକ୍ ଆରୋହୀଙ୍କ ଉପରେ ଭାରସାମ୍ୟ ହରାଇ ହାଇୱା ଚଢ଼ିଯାଇଥିଲା । ଫଳରେ ଘଟଣା ସ୍ଥଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖିବାକୁ ମିଳିଥିଲା ।ପୁଲିସ ଆସି ବୁଝାସୁଝା କରିବା ସହ ମୃତଦେବ ବ୍ୟବଚ୍ଛେଦ ପାଇଁ ପଠାଇଛି ।ବାରମ୍ବାର ଅଇଁଠାପାଲି ଛକରେ ଦୁର୍ଘଟଣା ହେଉଥିବା ବେଳେ ସ୍ଥାୟୀ ସମାଧାନ ଲୋକେ ଦାବି କରିଛନ୍ତି । ଫ୍ଲାଏଓଭର ନିର୍ମାଣ ସମୟରେ ଗୋଟିଏ ରାସ୍ତା ବନ୍ଦ ରହୁଥିବା ବେଳେ ସର୍ଭିସ ରୋଡ଼ରେ ଲୋକେ ଯିବା ଆସିବା କରୁଛନ୍ତି ।

## କୁଚିଣ୍ଡା ବିଡିଓଙ୍କ ଗାଡ଼ି ଧକ୍କାରେ ଶିକ୍ଷକ ମୃତ

**କୁଚିଣ୍ଡା, ୧୮ ।୨(ସମିସ) :** କୁଚିଣ୍ଡା ବିଡ଼ିଓ ବ୍ୟବହାର କରୁଥିବା ଭଡ଼ା ଗାଡ଼ି ଧକ୍କାରେ ମଙ୍ଗଳବାର ଦିନ ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି ।ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ମଙ୍ଗଳବାର ଦିନ ବିଡିଓ ଜୟନ୍ତ ସାହୁ ତାଙ୍କ ଅଫିସିଆଲ ଗାଡି ବଲେରୋ ଗାଡ଼ି ନଂ ଓଡ଼ି୧୫ଟି-୦୪୨୬ରେ +୨ ପରୀକ୍ଷା ଚାଲୁଥିବା କୁନ୍ତରା ମହାବିଦ୍ୟାଳୟକୁ ପରିଦର୍ଶନରେ ଯାଇ ସେଠାରୁ କୁଚିଣ୍ଡାକୁ ଫେରୁଥିଲେ । ମନ୍ତ୍ରୀମୁଣ୍ଡା ଖେଳ ପଡ଼ିଆ ନିକଟରେ ସାମ୍ନା ପଟୁ ଆସୁଥିବା ସ୍କୁଟି ନଂ-ଓଡି୧୪ଏକ୍ସ ୭୪୮୯କୁ ଗାଡ଼ିଟି ଧକ୍କା ଦେଇଥିଲା । ଫଳରେ ସ୍କୁଟି ଆରୋହୀ ଫଟାଟାଙ୍ଗର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଡୁଲେସରା ଗ୍ରାମର ଶଙ୍କର ମୁଣ୍ଡାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଦୁର୍ଘଟଣା ଘଟାଇବା ପରେ ବିଡିଓ ଗାଡ଼ିଟିକୁ ଦୁର୍ଘଟଣାସ୍ଥଳରୁ କୁଚିଣ୍ଡା ନେଇ ଆସିଥିଲେ । ଘଟଣା ପ୍ରଘଟ ହେଲା ପରେ ଦୁର୍ଘଟଣା ସ୍ଥାନରେ ଲୋକମାନେ ରୁଣ୍ଡ ହୋଇଯାଇଥିଲେ । କୁଚିଣ୍ଡା ପୁଲିସ ପହଁଞ୍ôଚ ଅପ୍ରତିକର ପରିସ୍ଥିତ ସୃଷ୍ଟି ଆଶଙ୍କାରେ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ଆଣିଥିଲା । ମୃତକଙ୍କ ପ୍ୟାଣ୍ଟ ପାକେଟରୁ ୪ହଜାର ୯୫୦ ଟଙ୍କା ଓ ଗୋଟିଏ ମୋବାଇଲ ଫୋନ ଉଦ୍ଧାର କରିଥିଲା । ସନ୍ଧ୍ୟା ୫ ଟାରେ ପରିବାର ଲୋକେ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ । ଘଟଣା ଘଟାଇବା ପରେ ବିଡିଓ ଘଟଣାସ୍ଥଳରୁ ମୃତ ଲୋକକୁ ଉଦ୍ଧାର ନ କରି ପଳାଇ ଯିବା କି ପ୍ରକାର ମାନବିକତା ବୁଝା ପଡୁନି । ଦୁର୍ଘଟଣାର ବହୁ ସମୟ ପରେ ବିଡିଓ ଏବଂ କିଛି ଅଧିକାରୀ, କର୍ମଚାରୀ ଆସି ଦୁର୍ଘଟଣା ଘଟାଇଥିବା ବୋଲେରୋ ଓ ଡ୍ରାଇଭର ସୁମନ୍ତ ପଟେଲକୁ ନେଇ କୁଚିଣ୍ଡା ଥାନାରେ ଜିମା ଦେବା ସହ ଆତ୍ମସମର୍ପଣ କରାଇଥିଲେ । ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

**● ଉଦ୍ଧାର ନ କରି ପଳାଇଲେ**

## ଭିସୁଟରେ ରକ୍ତଦାନ ଶିବିର



ବୁର୍ଲା, ୧୮ ।୨(ସମିସ):ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍ସାର) ସହଯୋଗରେ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ବା ଭିସୁଟର ସାମାଜିକ ସେବା ସମିତି ଓ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ଇ-ଲର୍ଣ୍ଣିଂ ସେଣ୍ଟରରେ ରକ୍ତଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମକୁ ଭିସୁଟର କୁଳପତି ପ୍ରଫେସର ଦୀପକ କୁମାର ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରଥମ ଦାତା ହୋଇ ପ୍ରେରଣାଦାୟକ ଉଦାହରଣ ସୃଷ୍ଟି କରିଥିଲେ । କାର୍ଯ୍ୟକ୍ରମରେ ରେଜିଷ୍ଟ୍ରାର ପ୍ରଦୀପ ଡାଙ୍ଗ, ଛାତ୍ର ସମାଜ ସେବା ସୋସାଇଟିର ଉପସଭାପତି ଡ.ତୃପ୍ତି ରଞ୍ଜନ ମହାପାତ୍ର, ଆସୋସିଏଟ୍ ଡିନ୍ ଡ.ପୁଣ୍ୟପ୍ରିୟା ମିଶ୍ର, ଛାତ୍ର କଲ୍ୟାଣ ଡିନ୍ ପ୍ରଫେସର ରାକେଶ ରୋଶନ ଦାଶ ଓ ଏନ୍‌ଏସ୍‌ଏସ୍ର ଉପସଭାପତି ଡ.ନିବେଦିତା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

## ଏବିଭିପିର ବିକ୍ଷୋଭ



ସମ୍ବଲପୁର, ୧୮ ।୨(ସମିସ):ଭୁବନେଶ୍ୱରର ଘରୋଇ ଅନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଉପରେ ଅମାନସିକ ଅତ୍ୟାଚାର ଘଟଣାର ପ୍ରତିବାଦରେ ଏବିଭିପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।ଏବିଭିପି ଓଡ଼ିଶା ପଶ୍ଚିମ ପ୍ରାନ୍ତ ତରଫରୁ ଏହାର ପ୍ରତିବାଦ ସ୍ୱରୂପ ସମ୍ବଲପୁର ଗୋଲବଜାର ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବିକ୍ଷୋଭର ଓଡ଼ିଶା, ପଶ୍ଚିମର ରାଜ୍ୟ ସମ୍ପାଦକ ସ୍ୱେତାଂଶୁ ଶେଖର ବରେଇ ନେତୃତେ ନେଉଥିବା ବେଳେ ଏଥିରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସିମ୍ରନ ପ୍ରଧାନ, ପ୍ରାନ୍ତ ମିଡିଆ ସଂଯୋଜକ ବିଜୟ କଳତା, ପ୍ରାନ୍ତ ବିଶ୍ୱବିଦ୍ୟାଳୟ ସଂଯୋଜକ ଯଶୱାର୍ଦ୍ଧନ ତିୱାରୀ, ନଗେନ ରାଉତ, ନୀତେଶ ପାଣିଗ୍ରାହୀ, ବିବେକ ରଞ୍ଜନ ତିୱାରୀ, କିର୍ତୀମୟୀ ସାହୁ, ସୁରଜ୍ ଧଳ, ନିଖିଲ ଅଗ୍ରୱାଲ, ପ୍ରୀତି ମେରେଇ, ଅଭିଷେକ ପାଣିଗ୍ରାହୀ, ପୀୟୂଷ ମହାପାତ୍ର, ବରୁଣ ପଟେଲ, ଓମ ପ୍ରଧାନ, ସଙ୍କେତ ପ୍ରଧାନ, ଯୋଗେନ୍ଦ୍ର, କୁଞ୍ଜନଙ୍କ ସହ ୫୦ରୁ ଅଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ରେଳ କର୍ମଚାରୀ ସମ୍ବର୍ଦ୍ଧିତ

ସମ୍ବଲପୁର, ୧୮ ।୨(ସମିସ): ଟିଟିଲାଗଡ଼ର ବରିଷ୍ଠ ମାଲବାହୀ ଟ୍ରେନ୍ ପ୍ରବନ୍ଧକ ଉପେନ୍ଦ୍ର କୁମାର ଏବଂ ଟ୍ରେନ୍‌ର ସୁରକ୍ଷିତ ପରିଚାଳନାରେ ଉଲ୍ଲେଖନୀୟ ଅବଦାନ ତଥା ସୁରକ୍ଷା ନିୟମାବଳୀ ସମ୍ପର୍କରେ ଅବଗତ କରାଇବା ପାଇଁ ଟ୍ରାକ୍ ମେନଟେନର-୪/ମୁନିଗୁଡ଼ା ଅନନ୍ତ ପାଲାକିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସମ୍ବଲପୁର ଡିଭିଜନର ଡିଭିଜନାଲ ରେଳ ପ୍ରବନ୍ଧକ ତୁଷାର କାନ୍ତ ପାଣ୍ଡେ ଅତିରିକ୍ତ ଡିଭିଜନାଲ ରେଳ ପ୍ରବନ୍ଧକ ଆନନ୍ଦ ସିଂ, ବରିଷ୍ଠ ଡିଭିଜନାଲ ଇଂଜିନିୟର (ସମନ୍ୱୟ) ତତ୍ୱଦର୍ଶୀ ସାହୁ, ବରିଷ୍ଠ ଡିଭିଜନାଲ ଅପରେସନ ମ୍ୟାନେଜର ଅଖିଳେଶ ତ୍ରିପାଠୀ, ବରିଷ୍ଠ ଡିଭିଜନାଲ ସେଫ୍ଟି ଅଫିସର ସମ୍ବିତ ସୌରଭ ନାୟକ ଓ ଅନ୍ୟ ଶାଖା ଅଧିକାରୀଙ୍କ ଉପସ୍ଥିତିରେ ସେମାନଙ୍କୁ ଉତ୍କର୍ଷ ପ୍ରମାଣପତ୍ର ଓ ନଗଦ ପୁରସ୍କାର ପ୍ରଦାନ କରିଛନ୍ତି ।



## ଦାବିପ୍ରତି ଅଣଦେଖା କଲେ ଆନ୍ଦୋଳନ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

**ସମ୍ବଲପୁର, ୧୮ ।୨(ସମିସ):** ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ସ୍ୱାର୍ଥ ରକ୍ଷା ଦାବିରେ ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଓଡ଼ିଶାରେ ବିଜେପି ସରକାରକୁ ୮ ମାସ ବିତିଯାଇଥିଲେ ମଧ ସାମ୍ବାଦିକଙ୍କ ୩ ଦଫାର ନ୍ୟାୟୋଚିତ ଦାବି ପୂରଣ ନେଇ ଅଦ୍ୟାବଧି ସରକାରୀସ୍ତରରେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ନିର୍ବାଚନ ପୂର୍ବ ଓ ପରର ପ୍ରତିଶ୍ରୁତି ଏବେ ପାଣିର ଗାର ହୋଇଛି । ଓୟୁଜେ ଏକାଧିକବାର ସାମ୍ବାଦିକଙ୍କ ନ୍ୟାର୍ଯ୍ୟ ଦାବି ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଆସୁଛି ।ବିଧାନସଭା ବଜେଟ ଅଧିବେଶନ କାଳରେ ସାମ୍ବାଦିକଙ୍କ ଦାବି ପ୍ରତି ବିଚାର କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ । ହେଲେ ସଦ୍ୟ ବିଧାନସଭା ରେ ଉପସ୍ଥାପିତ ପୂର୍ଣ୍ଣାଙ୍ଗ ବଜେଟରେ ସାମ୍ବାଦିକଙ୍କ ଦାବିକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇଛି । ବଜେଟରେ ସାମାନ୍ୟତମ ପ୍ରତିଫଳନ ନହେବା ସାମ୍ବାଦିକ ମାନଙ୍କୁ ନିରାଶ କରିଛି । ସାମ୍ବାଦିକଙ୍କ ମୌଳିକ ଦାବି ପେନସନ, ସାମ୍ବାଦିକ ସୁରକ୍ଷା ଆଇନ ଓ, ଅଧିସ୍ୱୀକୃତି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ନେଇ ପୁନଃବିଚାର କରିବାକୁ ସରକାରଙ୍କ ନିକଟରେ ଓୟୁଜେ ଦାବି ଉଠାଇଛି । ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତିଙ୍କ ଆହ୍ୱାନକ୍ରମେ ରାଜ୍ୟର ସମସ୍ତ ଜିଲ୍ଲା ଶାଖା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି । ମଙ୍ଗଳବାର ସମ୍ବଲପୁର ଜିଲ୍ଲା ଶାଖା ସଭାପତି ପ୍ରଭାତ ବେହେରାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ ଦଫା ସମ୍ବଳିତ ସ୍ମାରକପତ୍ର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ପ୍ରଦାନ କରାଯାଇଛି । ଓୟୁଜେ ରାଜ୍ୟ କୋଷାଧ୍ୟକ୍ଷ ଅମୂଲ୍ୟ ସ୍ୱାଇଁ, ଜିଲ୍ଲା ସାଧାରଣ ସମ୍ପାଦକ ଶରତ ପ୍ରଧାନ, କୋଷାଧ୍ୟକ୍ଷ ହେମନ୍ତ ରାଉତ, ସଂଗଠନ ସମ୍ପାଦକ ରାଜେନ୍ଦ୍ର ନାୟକ, ବରିଷ୍ଠ ସଦସ୍ୟ ହରିହର ନାଥ, ଦୁର୍ଗାଶଙ୍କର ବାଘ, ଜୟନ୍ତ ଖଡିରତ୍ନ, ପ୍ରସନ୍ନ ପ୍ରଧାନ, ମନୋଜ ମୁଦୁଲି, ସରୋଜ ସାହୁ, ହିମାଂଶୁ ଦାଶ, ଦେବେନ୍ଦ୍ର ମିଶ୍ର, ମନୀଷ ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ ।



## ବିଜୟ ବାହାଦୂର ସିଂ ଓ ଭୀମସେନ ଛତର ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ



ସମ୍ବଲପୁର, ୧୮ ।୨(ସମିସ):ଜିଲ୍ଲାର ବର୍ଷୀୟାନ କ୍ରୀଡ଼ା ସଂଘ ସମ୍ବଲପୁର ଆନୁକୂଲ୍ୟରେ ଭିଏସଏସ ଷ୍ଟାଡିୟମ ଠାରେ ଚାଲିଥିବା ବିଜୟ ବାହାଦୂର ସିଂ ଓ ଭୀମସେନ ଛତରସ୍ମାରକୀ ଦ୍ୱିତୀୟ ଆନ୍ତଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ନୂଆଁପଡ଼ା ଓ ବଲାଙ୍ଗିର ଜିଲ୍ଲା ମଧ ମ୍ୟାଚ୍ ଖେଳାଯାଇଥିଲା ।ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ନିର୍ଦ୍ଧାରିତ ସମୟରେ ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲା ଉଭୟରେ ୪ ଗୋଲ ଲେଖାଏଁ କରିବା ଫଳରେ ମ୍ୟାଚ୍ ଅମୀମାଂସିତ ହୋଇଥିଲା । ଟ୍ରାଇବ୍ରେକର ପଦ୍ଧତି ଅବଲମ୍ବନ କରିବା ପରେ ନୂଆପଡ଼ା ୪ ଗୋଲ୍ କରିଥିବା ବେଳେ ବଲାଙ୍ଗିର ୩ ଗୋଲ୍ କରି ପରାଜିତ ହୋଇଛି ।ଏହି ବିଜୟ ପରେ ନୂଆପଡ଼ା ଜିଲ୍ଲା ଗୋଟିଏ ସୋପାନକୁ ଉନ୍ନୀତ ହେବା ସହ ସେମିଫାନାଲରେ ପ୍ରବେଶ କରିଛି । ଆସନ୍ତାକାଲି(ବୁଧବାର)କୋରାପୁଟ ଓ ସୁବର୍ଣ୍ଣପୁର ଜିଲ୍ଲା ମଧରେ ମ୍ୟାଚ ଖେଳାଯିବ । ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ନାଉରୀ ନାଏକ, ଜାତୀୟ କ୍ରିକେଟ ଦଳର ଆଞ୍ଚଳିକ ମ୍ୟାନେଜର ସରୋଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ପଞ୍ଚାନନ ପାତ୍ର, ଅରୁଣ ଭୋଇ, ସଲିଲ କୁମାର ବେହେରା, ମନୋଜ ଭୋଇ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

## ସରସ୍ୱତୀ ଶିଶୁମନ୍ଦିରରେ ମାତୃ ସମ୍ମିଳନୀ

ନାକଟିଦେଉଳ, ୧୮ ।୨(ସମିସ): ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବଳମ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ବରିଷ୍ଠ ବୈଦିକ ବିଦ୍ୱାନ ତଥା ଶ୍ରୁତିନ୍ୟାସର ଅଧକ୍ଷ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ଯୋଗଦାନ କରି ଉତ୍ତମ ସନ୍ତାନ ଗଢ଼ିବାରେ ମାଆମାନଙ୍କ ଭୂମିକା ସମ୍ପର୍କରେ ବାର୍ତ୍ତା ପ୍ରଦାନ କରିଥିଲେ ।ମାତୃସମ୍ମିଳନୀ ଉତ୍ସବ ଅବସରରେ ୨୧କୁଣ୍ଡିୟ ଅଗ୍ନିହୋତ୍ର ଆୟୋଜନ କରାଯାଇଥିଲା । ଶ୍ରୁତିନ୍ୟାସର ସମ୍ପାଦକ ପଦ୍ମନାଭ ସ୍ୱାଇଁ ଏହାକୁ ପରିଚାଳନା କରିଥିଲେ । ସମାରୋହରେ ଅନୁଷ୍ଠାନର ସଭାପତି ରମେଶ ପ୍ରଧାନ, ସମ୍ପାଦକ ସୁଶାନ୍ତ ଭୂତିଆ ଓ ମୁଖ୍ୟ ଉପଦେଷ୍ଟା ଗୌତମ ମୋହନ ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ।ଏହି ଅବସରରେ ଚଳିତ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ତିନିଜଣ



ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ସମାହାରରେ ଶିଶୁମାନଙ୍କର ମାଆମାନଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି, ଛାତ୍ରଛକ୍ଷତ୍ରୀ ଓ ଶିଶୁ ମନ୍ଦିରର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ । ଶେଷରେ ଲିଳିମା ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁଲୱାମା ସହିଦଙ୍କ ସ୍ମୃତିରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ; ବୁର୍ଲା ବିଜୟୀ



**ସମ୍ବଲପୁର, ୧୮ ।୨(ସମିସ):** ଫୁଲବାମା ସହିଦଙ୍କ ସ୍ମୃତିରେ ପଡ଼ିଆବାହାଲ ନିକଟସ୍ଥ ପଧାନପାଲି ଖେଳ ପଡ଼ିଆରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ପୁଲୱାମାରେ ସହିଦ ହୋଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଟୁର୍ଣ୍ଣାମେଣ୍ଟ ଗତ ୭ ବର୍ଷ ଧରି ଚାଲି ଆସୁଛି । ମଙ୍ଗଳବାର ଫାଇନାଲ ଖେଳରେ ଭିକମପୁର ବିପକ୍ଷରେ ବୁର୍ଲା ମାରୁତି କ୍ଲବ୍ ଚାମ୍ପିଅନ ଓ ମାନେଶ୍ୱର ବ୍ଲକର ଭିକମପୁର ରନର୍ସ ଅପ ହୋଇ ପୁରସ୍କାର ଗ୍ରହଣ କରିଛନ୍ତି । ପଡ଼ିଆବାହାଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ କ୍ଲବ୍‌ର ଆୟୋଜନ ଓ ପଧାନପାଲି କ୍ରିକେଟ କ୍ଲବ୍ ସହଯୋଗରେ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ଅବସରପ୍ରାପ୍ତ ପୁଲିସ ଅଧିକାରୀ ପ୍ରଫୁଲ୍ଲ ସାହୁ ଓ ବିଏସଏଫ ଯବାନ ମାନସ ଖଣ୍ଡା ମିଳିତ ଭାବେ ଉଦ୍‌ଘାଟନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ବାହାମ ସରପଞ୍ଚ ସରସ୍ୱତୀ ଭୋସାଗର ମୁଖ୍ୟଅତିଥି, ବାହାମ ସମିତିସଭ୍ୟ ପ୍ରଫୁଲ୍ଲ ମଗର, କବରାପାଲି ସମିତି ସଭ୍ୟା ବନିତା ଓରାମ, ପଡ଼ିଆବାହାଲ ଆରୋଗ୍ୟ ମନ୍ଦିର ଡାକ୍ତର ଲୋକନାଥ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ଓ ସଦସ୍ୟ ଯଥାକ୍ରମେ ଅମୂଲ୍ୟା ସାହୁ ଓ ଦେବାନନ୍ଦ ଭୋସାଗର ଓ ସାମ୍ବାଦିକ ଆଦେଶ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।୫ ଦିନ ବ୍ୟାପି କାର୍ଯ୍ୟକ୍ରମକୁ ବିପ୍ଳବ ଭୋସାଗର, ସୂର୍ଯ୍ୟ ନାରାୟଣ ସାହୁ, ରମଣୀ କୁମ୍ଭାର, ରୁପେଶ ବେସନ, ଉମାକାନ୍ତ ବେସନ ପ୍ରମୁଖ ମୁଖ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

## ସହରରେ କାର୍ଯ୍ୟ କରିବ ଅତ୍ୟାଧୁନିକ ଟ୍ରାଫିକ୍ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍

# ସରିଛି ଚୁକ୍ତି, ଏପ୍ରିଲ ପହିଲାରୁ କାର୍ଯ୍ୟକ୍ଷମ

**ସମ୍ବଲପୁର, ୧୮ ।୨(ସମିସ):**




ସମ୍ବଲପୁର ମହାନଗର ନିଗମରେ ଅତ୍ୟାଧୁନିକ ବ୍ୟବସ୍ଥାରେ ହେବ ସ୍ୱୟଞ୍ଚାଳିତ ଟ୍ରାଫିକ୍ ନିୟନ୍ତ୍ରଣ । ଏହି ବ୍ୟବସ୍ଥା ଆସନ୍ତା ଏପ୍ରିଲ ୧ଠାରୁ ସମ୍ବଲପୁର ସହରରେ କାର୍ଯ୍ୟ କରିବ । ଏନେଇ ମଙ୍ଗଳବାର ସମ୍ବଲପୁର ମହାନଗର ନିଗମ, ଆରକ୍ଷୀ ଅଧୀକ୍ଷକଙ୍କ ସହ ଭିଏଲ ଆସେସ ଇଣ୍ଡିଆ କମ୍ପାନୀ ସହ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ସମ୍ବଲପୁର ମହାନଗର ନିଗର ଓ ସମ୍ବଲପୁର ମିଳିତ ଭାବରେ ଏହି ନୂଆ ପ୍ରକ୍ରିୟା ଆପଣାଇବା ପାଇଁ ଚିନ୍ତା କରିଛନ୍ତି । ୟୁନିଫାଏଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ପ୍ଲାଟଫର୍ମ ଆଧାରିତ ସିଟି ସର୍ଭିଲାନ୍ସ ଇଣ୍ଟିଗ୍ରେଟେଡ୍ ଟ୍ରାଫିକ୍ ମ୍ୟାନେଜମେଣ୍ଟ ଏବଂ ପବ୍ଲିକ୍ ଆଡ୍ରେସ୍ ସିଷ୍ଟମ୍ କାର୍ଯ୍ୟକାରୀ କରିବା ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି । ଏନେଇ ୪.୯୬ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହି ପ୍ରକଳ୍ପରେ ଦୁଇଟି ପର୍ଯ୍ୟାୟରେ ସହରର ୫୨ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ୨୦୭ଟି ଏଆଇ ଚାଳିତ କ୍ୟାମେରା ଲଗାଯିବ ।ବୁଲେଟ୍ କ୍ୟାମେରା, ଫେସିଆଲ୍ ରିକଗ୍ନିସନ୍ କ୍ୟାମେରା, ପିଟିଜେଡ୍ କ୍ୟାମେରା ଏବଂ ଅତ୍ୟାଧୁନିକ ଏଏଲପିଆର କ୍ୟାମେରା ସମେତ ଏହି ଅତ୍ୟାଧୁନିକ କ୍ୟାମେରା ଗୁଡ଼ିକ ସର୍ଭିଲାନ୍ସ ଏବଂ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହାବ୍ୟତୀତ ଟ୍ରାଫିକ୍ ସମସ୍ୟାକୁ ସୁବ୍ୟବସ୍ଥିତ କରିବା, ଟ୍ରାଫିକ ନିୟମ ଉଲ୍ଲଂଘନ ଉପରେ ନଜର ରଖିବା ଏବଂ ସ୍ୱୟଞ୍ଚାଳିତ ଇ-ଚାଲାଣ ଉତ୍ପାଦନକୁ ସକ୍ଷମ କରିବା ପାଇଁ ୬ଟି ପ୍ରମୁଖ ଛକରେ ସୌର ଚାଳିତ ସ୍ୱୟଞ୍ଚାଳିତ ଟ୍ରାଫିକ୍ ସିଗନାଲ୍ ସିଷ୍ଟମ୍ ସ୍ଥାପନ କରିବା ପ୍ରକଳ୍ପରେ ଅନ୍ତର୍ଭୁକ୍ତ ରହିଛି । ସଫଳ ରୂପାୟନ ପରେ ସମ୍ବଲପୁର ଓଡ଼ିଶାର ପଞ୍ଚମ ସହର ଭାବେ କେନ୍ଦ୍ର ସରକାରଙ୍କ ଟ୍ରାଫିକ୍ ଉଲ୍ଲଂଘନ ପରିଚାଳନା ବ୍ୟବସ୍ଥା ଅଧୀନରେ 'ୱାନ୍ ନେସନ୍ ୱାନ୍ ଚାଲାଣ' ଯୋଜନା ଗ୍ରହଣ କରିବ । ଜିଲ୍ଲା ପୁଲିସ କାର୍ଯ୍ୟାଳୟ ପରିସରରେ ଏକ ୟୁନିଫାଏଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର (ୟୁସିସିସି) ପ୍ରତିଷ୍ଠା କରାଯିବ, ଯେଉଁଥିରେ ଏସ୍‌ଏମସି ଏବଂ ଆରଟିଓ କାର୍ଯ୍ୟାଳୟରେ ଉପଗ୍ରହ ନିୟନ୍ତ୍ରଣ କେନ୍ଦ୍ର ରହିବ, ଯାହା ବ୍ୟବସ୍ଥାର ନିରବଚ୍ଛିନ୍ନ ସମନ୍ୱୟ ଏବଂ ଦକ୍ଷ ପରିଚାଳନା ସୁନିଶ୍ଚିତ କରିବ । ୟୁସିସି ପ୍ଲାଟଫର୍ମ ମଧ୍ୟରେ ଏଆଇ-ପରିଚାଳିତ ବିଶ୍ଳେଷଣ ଉପକରଣର ଏକୀକରଣ ନାଗରିକ ସୁରକ୍ଷା ଚିନ୍ତାକୁ ଦ୍ୱରିତ ପ୍ରତିକ୍ରିୟା ଦେବା ଏବଂ ଆଇନ ପ୍ରବର୍ତ୍ତନ ଦକ୍ଷତାରେ ଉନ୍ନତି ଆଣିବା ପାଇଁ ସହର ପୋଲିସର କ୍ଷମତାକୁ ଯଥେଷ୍ଟ ବୃଦ୍ଧି କରିବ । ଏପ୍ରିଲ ପହିଲା, ଉତ୍କଳ ଦିବସରେ ଏହି ପ୍ରକଳ୍ପର ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି । ଯେଉଁଥିରେ ନାଗରିକଙ୍କ ସୁରକ୍ଷା ଓ ସହରାଞ୍ଚଳ ସୁରକ୍ଷା ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଯାଇଛି ।

## ଓଡ଼ିଶା - ଛତିଶଗଡ଼ ମୁଖ୍ୟ ରାସ୍ତା ମରଣଯନ୍ତା

# ରାସ୍ତା ନିର୍ମାଣର କଚ୍ଛପ ଗତି; ଲୋକେ ଭୋଗୁଛନ୍ତି ଯମଯନ୍ତ୍ରଣା



**ଝାରବନ୍ଧ, ୧୮।୨(ସମିସ)**

ଝାରବନ୍ଧ ବ୍ଲକ ବୈତାଳି ଗ୍ରାମଠାରୁ ଛତିଶଗଡ଼ ସୀମା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଉଛି। କିନ୍ତୁ ନିର୍ମାଣ ସଂସ୍ଥାର ମନମୁଖୀ କାମ ଓ କଚ୍ଛପ ଗତି ଯୋଗୁଁ ଜନସାଧାରଣ ମାନସିକ,ଶାରୀରିକ ଯନ୍ତ୍ରଣାର ଶିକାର ହେଉଛନ୍ତି। ଉକ୍ତ ରାସ୍ତାର ପ୍ରାୟ ୮/୧୦ କିମି ପୁରୁଣା ପିଚୁ ଖୋଳି ମେଟାଲିଂ କରି କାମକରିବା ଗତି ସମ୍ପୂର୍ଣ୍ଣ ଧିମେଇ ଯାଇଛି। ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରତ୍ୟହ ହଜାର ହଜାର ଯାନବାହାନ ଯାତାୟାତ କରୁଛି ଏବଂ ଅସଜଡ଼ା ରାସ୍ତା ଯୋଗୁଁ ପ୍ରତ୍ୟହ ଦୁର୍ଘଟଣା ଘଟୁଛି। ଏକକାଳୀନ ସବୁ ରାସ୍ତାକୁ ଖୋଳି କାମ ମନ୍ଥର ଗତିରେ କରାଯାଉଥିବାରୁ ଲୋକମାନେ ନାହିଁ ନଥିବା ହଇରାଣ ହେଉଛନ୍ତି। ଅଂଶିକ ଭାବରେ ନିର୍ମାଣ

**ମେଟାଲିଂ କରିବା ନାଁରେ ୧୦ କିମି ଯାଏଁ ପିଚୁ ଖୋଳିଦେଲେ**

କରିଥିଲେ ବିଶେଷ ଅସୁବିଧା ହୋଇ ନ ଥାନ୍ତା। ଆସନ୍ତା ୨୧ରୁ ଦଶମ ଶ୍ରେଣୀ ପରୀକ୍ଷା ହେବାକୁ ଯାଉଛି। ଝାରବନ୍ଧ ଉଚ୍ଚ ବିଦ୍ୟାଳୟର ପରୀକ୍ଷାର୍ଥୀ ଉକ୍ତ ରାସ୍ତାରେ ନିଜର ପରୀକ୍ଷା କେନ୍ଦ୍ର ଡୁଙ୍ଗୁରିପାଲିକୁ ଯିବେ। ସକାଳ ୭.୩୦ରୁ ପରୀକ୍ଷା ଆରମ୍ଭ ହେବ। ତେଣୁ ପରୀକ୍ଷାର୍ଥୀଙ୍କୁ ସକାଳ ୬ଟାରୁ ଘର ଛାଡ଼ିବାକୁ ହେବ। ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇ ରହିଛି। ମାତ୍ର ୮କିମି ରାସ୍ତା ଅତି ଗୁରୁତ୍ୱପୂର୍ଣ୍ଣ ରହିଛି। କୌଣସି କାରଣବଶତଃ ଯାନବାହାନ ଖରାପ ହେଲେ, ତାଙ୍କ ପରୀକ୍ଷା ବ୍ୟାଘାତ ହେବ। ନିର୍ମାଣ ସଂସ୍ଥା ରାସ୍ତାର ଗୁରୁତ୍ୱ ଉପଲବ୍ଧି କରି ପଦକ୍ଷେପ ନେବା ଉଚିତ। ଏନେଇ ସ୍ଥାନୀୟ ପ୍ରଶାସନ ପଦକ୍ଷେପ ନେବା ସହ ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ବୁଦ୍ଧିଜୀବୀମନେ ଦାବି କରିଛନ୍ତି।

# ଜାତୀୟ ସିନିୟର୍ କବାଡ଼ି ରେଫରୀ ପାଇଁ ଅଜିତ ମନୋନୀତ



**ମାଣ୍ଡୋସିଲ,୧୮।୨(ସମିସ):** କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଆସନ୍ତା ୨୦ରୁ ହେବାକୁ ଥିବା ୭୧ତମ ସିନିୟର୍ ଜାତୀୟ କବାଡ଼ି ଚାମ୍ପିଅନସିପ୍ (ପୁରୁଷ)ରେ ରେଫରୀ ଭାବରେ ଦାୟିତ୍ୱ ନେବେ ପାଇକମାଳ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଭୂତମୁଣ୍ଡା ଗାଁର ଅଜିତ କୁମାର ପ୍ରଧାନ। ତାଙ୍କୁ ଅମାଚର କବାଡ଼ି ଫେଡେରେସନ ଅଫ୍ ଇଣ୍ଡିଆ ଚୟନ କରିଛି। ଓଡ଼ିଶାରୁ ମୋଟ ୬ ଜଣ ଚୟନ ହୋଇଛନ୍ତି। ଶ୍ରୀ ପ୍ରଧାନ ବୃତ୍ତିରେ ଜଣେ ଶିକ୍ଷକ। ସେ ଜାମସେଠ ପଞ୍ଚାୟତ ହାଇସ୍କୁଲରେ ଶିକ୍ଷକ ଭାବରେ ଅଛନ୍ତି। ଶ୍ରୀ ପ୍ରଧାନ ମାଣ୍ଡୋସିଲ ଅଞ୍ଚଳର ଜଣାଶୁଣା ତଥା ଅଭିଜ୍ଞ ସମ୍ପନ୍ନ କବାଡ଼ି ରେଫରୀ। ସେ ଜିଲ୍ଲା ତଥା ରାଜ୍ୟ ବାହାରେ ଅନେକ କବାଡ଼ି ପ୍ରତିଯୋଗିତାରେ ରେଫରୀ ଦାୟିତ୍ୱରେ ତୁଲାଇଛନ୍ତି । ପ୍ରତିଯୋଗିତାରେ ଚୟନ ହୋଇଥିବାରୁ ଏନବି ରେଫରୀ ୟୁନିୟନ, ବିଶିଷ୍ଟ ସମାଜସେବୀ ହେମନ୍ତ ପ୍ରଧାନ, ସାମ୍ବାଦିକ ଗିରିଶ ଚନ୍ଦ୍ର ମାଝୀ ତଥା ମାଣ୍ଡୋସିଲ ଅଞ୍ଚଳର ଜନସାଧାରଣ ଶୁଭେଚ୍ଛା ଜଣାଇଛନ୍ତି।

## ନିଷ୍ଠା ପରିବାରର ୫୧ ଦିନିଆ ରେଡ୍ ଡ୍ରପ୍ ଅଲଟ୍ରା ମାରାଥନ

# ୬୪ ୟୁନିଟ୍ ରକ୍ତ ସଂଗୃହୀତ



**ବରଗଡ଼, ୧୮।୨(ସମିସ):** ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଶ୍ରୁତୀ ଓ ଶୁଭ୍ରାଂଶୁଙ୍କ ୭ତମ ବିବାହ ବାର୍ଷିକୀ ଅବସରରେ ସରାଫ ପରିବାର, ଗୋବିନ୍ଦପୁର ଗ୍ରାମବାସୀ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଛି। ନିଷ୍ଠା ପରିବାରର ୫୧ଦିନ ଧରି ଚାଲିଥିବା ରେଡ୍ ଡ୍ରପ୍ ଅଲଟ୍ରା ମାରାଥନର ଆଜି ଥିଲା ୪୮ ତମ ଦିନ। ଏକ ସ୍ୱଚ୍ଛୋକୃତ ରକ୍ତଦାନ ଶିବିରକୁ ଶୁଭ୍ରାଂଶୁ ସରାଫଙ୍କ ବାପା ଗୌରାଙ୍ଗ ସରାଫ ଓ ମା' ସବିତା ସରାଫ ମୁଖ୍ୟ ଅତିଥି ଭାବରେ ଫିତା କାଟି ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ନିଜ ବିବାହ ବାର୍ଷିକୀରେ ଶୁଭ୍ରାଂଶୁ ସରାଫ ଓ ତାଙ୍କ ଧର୍ମପତ୍ନୀ ମମତା(ଶ୍ରୁତୀ) ସରାଫ ଉଭୟେ ରକ୍ତଦାନ କରିବା ସହିତ ଅନ୍ୟମାନଙ୍କୁ ରକ୍ତ ଦାନ ପାଇଁ ଉତ୍ସାହିତ କରିଥିଲେ। ନିଜ ବିବାହ ବାର୍ଷିକୀରେ ଖୁବ ଧୁମ୍ ଧାମର ସହିତ ରକ୍ତଦାନ ଶିବିର ଆୟୋଜନ କରିଥିଲେ ପୂରା ସରାଫ ପରିବାର। ଏହି ଶିବିରରୁ ପାଞ୍ଚ ଯୋଡ଼ା ଦମ୍ପତିଙ୍କ ସମେତ ସର୍ବମୋଟ ୬୪ ୟୁନିଟ୍ ରକ୍ତ ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ଏହି ଶିବିରକୁ ଶ୍ରୀବତ୍ସ ପ୍ରଧାନ, ଅମିତ ଭୋଇ ଓ ନିଷ୍ଠା ପରିବାରର ସମସ୍ତ ସଦସ୍ୟ ସଦସ୍ୟା ସୁପରିଚାଳନା କରିଥିଲେ। ସମସ୍ତ ରକ୍ତ ଦାତା, ସହଯୋଗୀ ,ଶୁଭେଚ୍ଛୁ, ଗୋବିନ୍ଦପୁର ଗ୍ରାମବାସୀ ବିଶେଷ କରି ସରାଫ ପରିବାରର ସମସ୍ତଙ୍କୁ ନିଷ୍ଠା ପରିବାର ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଛି।

## ବିଭିନ୍ନ ରାଜସ୍ୱ ନିରୀକ୍ଷକଙ୍କ ବଦଳି



**ଥୁଆପାଲି, ୧୮।୨(ସମିସ):** ବରଗଡ଼ ଜିଲ୍ଲା ଭେଡେନ ତହସିଲଦାର ରଶ୍ମିତା ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ରାଜସ୍ୱ ନିରୀକ୍ଷକ ବଦଳି କରାଯାଇଛି। ଚିଚିଣ୍ଡା ରାଜସ୍ୱ ନିରୀକ୍ଷକ ଡମ୍ବରୁଧର ସେଟଙ୍କୁ ସଂକ୍ରିଡ଼ା ରାଜସ୍ୱ ନିରୀକ୍ଷକ ଭାବେ, ସଂକ୍ରିଡ଼ା ରାଜସ୍ୱ ନିରୀକ୍ଷକ ସ୍ୱସ୍ତିକ ବଢ଼େଇଙ୍କୁ ରେମଣ୍ଡା ରାଜସ୍ୱ ନିରୀକ୍ଷକ ଭାବେ, ରେମଣ୍ଡା ରାଜସ୍ୱ ନିରୀକ୍ଷକ ଫାଲଗୁନୀ ବେହେରାଙ୍କୁ ଚିଚିଣ୍ଡା ରାଜସ୍ୱ ନିରୀକ୍ଷକ ଭାବେ ବଦଳି କରାଯାଇଥିବା ଜଣାପଡିଛି।

## ପଦ୍ମଲୋଚନ ପଣ୍ଡାଙ୍କ ବିୟୋଗରେ ଶୋକ

**ଅତାବିରା,୧୮।୨(ସମିସ):** ବରଗଡ଼ ଜିଲ୍ଲା ଅତାବିରା ବ୍ଲକସ୍ଥିତ ଲରମ୍ବା କଲେଜ ଠାରେ ସ୍ୱର୍ଗତ ପଦ୍ମଲୋଚନ ପଣ୍ଡାଙ୍କ ବିୟୋଗରେ



ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ନେଇ ଶୋକ ଦିବସ ପାଳିତ ହୋଇଯାଇଛି । କଲେଜ ଅଧକ୍ଷ ଡ. ପ୍ରମୋଦ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଦୁଇ ମିନିଟ ନୀରବ ପ୍ରାର୍ଥନା ପୂର୍ବକ ପ୍ରାଧ୍ୟାପକ ଅଶୋକ କୁମାର ମହାନ୍ତି, ଅଧ୍ୟାପକ ସରୋଜ କୁମାର ନାୟକ, ପ୍ରଦୀପ କୁମାର ପଣ୍ଡା ମୁଖ୍ୟ କିରାଣି ପ୍ରମୋଦ ଚନ୍ଦ୍ର ସେଠ, ବିଦେଶୀ ଛନ୍ଦ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ପଣ୍ଡା ଲରମ୍ବା କଲେଜର ପ୍ରତିଷ୍ଠାତା ବ୍ରଜମୋହନ ପଣ୍ଡାଙ୍କ କନିଷ୍ଠ ପୁତ୍ର ଥିଲେ ଓ କଲେଜର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

# ଯେନିଥ୍ ଲାୟନ୍ସ ଗୁରୁକୁଳର ନୂତନ ଶାଖା ଉଦ୍‌ଘାଟିତ

**ପଦ୍ମପୁର, ୧୮।୨ (ସମିସ):** ପଶ୍ଚିମ ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବା ପାଇଁ 'ଯେନିଥ ଲିଓ' ନାମକ ଯେନିଥ ଲାୟାନ୍ସ ଗୁରୁକୁଳର ନୂତନ ଶାଖା ଉଦଘାଟିତ ହୋଇଛି। ଏହା ଆଧୁନିକ ଶିକ୍ଷାନୁଷ୍ଠାନ ଡବ୍ଲୁଏଚଓ ଗାଇଡଲାଇନ ଅନୁସାରେ ନିର୍ମିତ ହୋଇଛି। ଫଳରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନୈତିକତାର ସମ୍ମିଶ୍ରଣରେ ନୂଆ ପିଢ଼ିକୁ ଉଚ୍ଚ ମାନ ଦ୍ୱାରା ଶିକ୍ଷିତ କରିବା ଲକ୍ଷ୍ୟ ରହିଛି।

ଗୁରୁକୁଳରେ ଖେଳ କୋଠରି, ନାଚ କୋଠରିର ସୁବିଧା ରହିଛି, ଯାହା ଛାତ୍ରଛାତ୍ରୀମାନଙ୍କର ବିକାଶକୁ ଉତ୍ସାହିତ କରିବ। ଏଥିରେ ଶାରୀରିକ ଓ ସାଂସ୍କୃତିକ କ୍ରିୟାକଳାପ ଦ୍ୱାରା ଶିକ୍ଷାର୍ଥୀମାନେ ନିଜ ଦକ୍ଷତା ଓ ସ୍ୱାସ୍ଥ୍ୟ ଉନ୍ନତ କରି ପାରିବେ। ଏହି ଗୁରୁକୁଳର ସଭାପତି ପ୍ରତାପ ମିଶ୍ର, ଉପ-ସଭାପତି ସୁଶାନ୍ତ ରଥ, କୋଷାଧ୍ୟକ୍ଷ ମହମ୍ମଦ ଜାବେଦ ଏବଂ ସମ୍ପାଦକ ପବନ ଅଗ୍ରୱାଲ ଉଦଘାଟନ ଅବସରରେ ଉପସ୍ଥିତ ଥିଲେ। 'ଯେନିଥ ଲିଓ' ଗୁରୁକୁଳ ପଶ୍ଚିମ ଓଡ଼ିଶାର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ତାଙ୍କର ଭବିଷ୍ୟତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଭିନୟ କରିବ ବୋଲି ଅଧିକାରୀମାନେ ଅଭିବ୍ୟକ୍ତ କରିଛନ୍ତି।

# ପାଇକମାଳ ବ୍ଲକସ୍ତରୀୟ ନିପୁଣ ମେଳା



**ପାଇକମାଲ, ୧୮।୨ (ସମିସ) :** ପାଇକମାଳ ବ୍ଲକ୍ ସ୍ତରୀୟ ନିପୁଣ ମେଳା ବ୍ରାହ୍ମଣଡିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଇଓ ଚୁଡ଼ାମଣି ବାରିକଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପାଇକମାଳ ବିଡିଓ ପ୍ରଫୁଲ କୁମାର ଓଦୁ, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷ ସଞ୍ଜୀବ ବରିହା, ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରତାପ ସିଂ ବରିହା, ଛେତଗାଁ ସରପଞ୍ଚ ବନିତା ମହାନନ୍ଦ, ଝାରବନ୍ଧ ବିଇଓ ଶୁଭମ କୁମାର ପତି, ଏବିଇଓ ଧଳେନ୍ଦ୍ର ବାରିକ, ରାଧେଶ୍ୟାମ ମେହେର, ହୃଦାନନ୍ଦ ବାରିକ, ଟାଇଲ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ମହାଦେବ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଲିଙ୍ଗରାଜ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ କାଳିପ୍ରସନ୍ନ ବେହେରା, ପ୍ରେମାନନ୍ଦ ବାରିକ, ହୃଦାନନ୍ଦ ଭୋଇ ସମ୍ବଳ ବ୍ୟକ୍ତିଭାବେ ଯୋଗଦାନ କରି ଅଭିଭାବକ ଓ ଶିକ୍ଷକଙ୍କ ସହ ଆଲୋଚନ କରିଥିଲେ। ପାଇକମାଳ ବ୍ଲକ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକ ଯୋଗଦାନ କରିଥିଲେ। ଶେଷରେ ସିଆରସିସି ନିରଞ୍ଜନ ହରିଜନ ଧନ୍ୟବାଦ ଦେଇଥିଲେ।

# ଘେଁସରେ ଦୁର୍ଗାମନ୍ଦିର ପ୍ରତିଷ୍ଠା

**ବିଜେପୁର, ୧୮।୨(ସମିସ):** ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଘେଁସ ଗ୍ରାମରେ ନୂତନ ଭାବରେ ନିର୍ମିତ ହୋଇଥିବା ମା' ଦୁର୍ଗାଦେବୀଙ୍କ ଭବ୍ୟ ପ୍ରତିମା ଓ ମନ୍ଦିର ପ୍ରତିଷ୍ଠା ଆରମ୍ଭ ହୋଇଯାଇଛି। ରବିବାର ପୂର୍ଣ୍ଣ କଳସ ଶୋଭାଯାତ୍ରାରେ ଆଣାଯାଇ ମା' ଦୁର୍ଗା ମନ୍ଦିରର ପୂଜାମଣ୍ଡପରେ ସ୍ଥାପନ କରାଯାଇଥିଲା। ଘଣ୍ଟବାଦ୍ୟ, ଦୁଲଦୁଲି ସମେତ ବିଭିନ୍ନ ଲୋକନୃତ୍ୟର ତାଳେ ତାଳେ ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ। ସୋମବାର ସକାଳେ ମଣ୍ଡପ ସଂସ୍କାର, ତୋରଣ ପୂଜା, ଅଗ୍ନି ସ୍ଥାପନ, ଧାନ୍ୟାଦି ବାସ, ଆରତୀ, ପୁଷ୍ପାଞ୍ଜଳି ସହିତ ପୂଜା ଆରମ୍ଭ ହୋଇଯାଇଛି। ମନ୍ଦିର ଉଦ୍ୟୋକ୍ତା ବାଙ୍କେ ବିହାରୀ ଅଗ୍ରବାଲ, ଘେଁସ ଜମିଦାର ରଣଜିତ ସିଂହ ବରିହାଙ୍କ ସମେତ ବହୁ ସଂଖ୍ୟାରେ କର୍ତ୍ତା ପ୍ରତିଷ୍ଠା କର୍ମରେ ସାମିଲ ହୋଇଛନ୍ତି। ପଣ୍ଡିତ ଗୌରହରି ଦେବତା, ସନ୍ଦେଶ୍ୱର ସାବର, ଟଙ୍କଧର ସାବତ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଶୁକଦେବ ତ୍ରିପାଠି, ରଂଜନ ମହାପାତ୍ର, ରିବୁଲ ମିଶ୍ର, କାହ୍ନା ଦାଶ, ସୁଜିତ ମିଶ୍ର, ଆକାଶ



ଷଡ଼ଙ୍ଗୀ, ପିଣ୍ଟୁ ପାଣିଗ୍ରାହୀ, କାହ୍ନା ପାଣିଗ୍ରାହୀ, ସିକୁନ ପାଣିଗ୍ରାହୀ, ଭିଷ୍ମଦେବ ମିଶ୍ର, ବିକାଶ ମିଶ୍ର, ରିଙ୍କୁ ଦେବତା, ପ୍ରତୀକ ନନ୍ଦ, ଅଶୋକ ଷଡ଼ଙ୍ଗୀ, ପିଣ୍ଟୁ ମିଶ୍ର, ସନୋଜ ନନ୍ଦ, ପିଙ୍କୁ ହୋତା, ରାଜେଶ ମିଶ୍ର ପ୍ରମୁଖ ୨୧ଜଣ ଦକ୍ଷ ପଣ୍ଡିତ ପୂଜାର୍ଚ୍ଚନା କରୁଛନ୍ତି।

# ବୈଶାଖ ମେଳା ପାଇଁ ପ୍ରସ୍ତୁତି ବୈଠକ

**ପଦ୍ମପୁର, ୧୮।୨ (ସମିସ):** ପଦ୍ମପୁର ଅନ୍ତର୍ଗତ ସାରଙ୍ଗପୁର ଅଙ୍ଗନଦୀ କୂଳରେ ଅବସ୍ଥିତ ନୃସିଂହ ମନ୍ଦିରରେ ହେବାକୁ ଥିବା ବୈଶାଖ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ପୂଜା କମିଟିର ସଭାପତି ଶ୍ରୀକାନ୍ତ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ମନ୍ଦିର ଉନ୍ନତିକରଣ, ମେଳାକୁ ଶୃଙ୍ଖଳିତ ପରିଚାଳନା, ପରିଷ୍କାର ପରିଛନ୍ନତା ଉପରେ ଆଲୋଚନା ହୋଇଥିଲା । ଅଞ୍ଚଳର ବିଭିନ୍ନ ଗ୍ରାମରୁ ସୀତାଂଶୁ ମିଶ୍ର, ରବିଲାଲ ବରିହା, ଯୁଧିଷ୍ଠିର ବରିହା,ସତ୍ୟବାନ ବରିହା,ଉମାକାନ୍ତ ସାହୁ,ଖଗେଶ୍ୱର ପଧାନ,ଡୋଲାମଣି ବଢେଇ, ସୁବିନ ବରିହା,ହରି ବରିହା, ଦିଲ୍ଲୀପ ସାହୁ,ଗୋବିନ୍ଦ ବାରିକ,ଗୌର ମେହେର ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।



# ବୈଦିକ ଯଜ୍ଞ ମଣ୍ଡପର ବାର୍ଷିକୋତ୍ସବ

**ବିଜେପୁର, ୧୮।୨(ସମିସ):** ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଘେଁସ ସ୍ଥିତ ମହର୍ଷି ଦୟାନନ୍ଦ ବୈଦିକ ଆଶ୍ରମରେ ୪୪ତମ ବାର୍ଷିକ ବୈଦିକ ଯଜ୍ଞୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସୁବାସ ଦାଶ, ମହାବୀର ଅଗ୍ରବାଲ, ଓମପ୍ରକାଶ ମେହେର, ମନୋଜ ମେହେର, ମଧୁସୁଦନ ମେହେର, ସୀତାରାମ ମେହେର, ମନୁ ଅଗ୍ରୱାଲ ପ୍ରମୁଖ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ନୂଆପାଲି ବୈଦିକ ଯଜ୍ଞ ଆଶ୍ରମର ଆଚାର୍ଯ୍ୟ ପୁରନ୍ଦର ଶାସ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉକ୍ତ ଆଶ୍ରମର ବ୍ରହ୍ମଚାରୀମାନଙ୍କ ପବିତ୍ର ମନ୍ତ୍ରପାଠରେ ହୋମଯଜ୍ଞ ସମାହିତ ହୋଇଥିଲା। ଏହି ଅବସରରେ ପଣ୍ଡିତ ବୃହସ୍ପତି ଶାସ୍ତ୍ରୀଙ୍କ ପରିଚାଳନାରେ ବୈଦିକ ସିଦ୍ଧାନ୍ତ ଓ ଯଜ୍ଞର ଆବଶ୍ୟକତା ସଂପର୍କରେ ସମ୍ବଲପୁରର ଧନୁର୍ଦ୍ଧର ମହାପାତ୍ର, ଯୋଖିପାଳିର ସ୍ୱାମୀ ସୁରେଶ୍ୱରାନନ୍ଦ ସରସ୍ୱତୀ, ଦକ୍ଷିଣ ଆଫ୍ରିକାର ଦୟାନନ୍ଦ ଶର୍ମା, ହରିଦ୍ୱାରର ଶୈଳେଶ ମୁନି, ଅହମଦାବାଦର ଆଶିଷ ଆର୍ଯ୍ୟ, ଗଙ୍ଗୋତ୍ରିର ସ୍ୱାଧ୍ୱୀ ରେଣୁକା, ନୂଆଁପାଲି କନ୍ୟାଶ୍ରମର ଆଚାର୍ଯ୍ୟା ଅହଲ୍ୟା, ଦିଲ୍ଲୀର ଶ୍ରୀବତ୍ସ ଶାସ୍ତ୍ରୀ, କବିନ୍ଦ୍ର ଆର୍ଯ୍ୟ, ଭଜନିକ ମାନଭଞ୍ଜନ ଆର୍ଯ୍ୟ ପ୍ରମୁଖ ମତବ୍ୟକ୍ତ କରିଥିଲେ। ଶେଷରେ ଡ.ସୁବାସ ମେହେର ଧନ୍ୟବାଦ ଅର୍ପଣ କରିଥିଲୋ। ଏହି ଅବସରରେ ବୈଦିକ ଭଜନ ମଣ୍ଡଳୀ ବରିହାପାଲି ପକ୍ଷରୁ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବୁକୁରାମୁଣ୍ଡା ସେବାଶ୍ରମ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ପଦ୍ମପୁର, ୧୮।୨ (ସମିସ):** ବୁକୁରାମୁଣ୍ଡା ସେବାଶ୍ରମ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁକୁରାମୁଣ୍ଡା ସେବାଶ୍ରମ ବିଦ୍ୟାଳୟ



ପରିସରରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନସେବକ ପ୍ରଦୀପ କୁମାର ମହାନ୍ତି,ମୁଖ୍ୟ ବକ୍ତା ଅବସରପ୍ରାପ୍ତ ସୈନିକ ହର୍ଷବର୍ଦ୍ଧନ ବିଶି, ସମ୍ମାନିତ ଅତିଥି ବିଦ୍ୟାଳୟ ଉଦ୍ୟୋକ୍ତା ମଙ୍ଗଳୁ ବରିହା, ଶିକ୍ଷକ ନିରାକାର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ଭୋଇ, ପ୍ରେମରାଜ ନାୟକ, ସେବାଶ୍ରମ ବିଦ୍ୟାଳୟର ପ୍ରଧାନସେବକ ରବୀନ୍ଦ୍ର ପଟେଲ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭୁବନେଶ୍ୱର ମହାନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ । ଉଭୟ ବିଦ୍ୟାଳୟ ପ୍ରଧାନଶିକ୍ଷକ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଅତିଥିଗଣ ଛାତ୍ରଛାତ୍ରୀଙ୍କୁ କର୍ମଠ, ପରିମାର୍ଜିତ ବ୍ୟବହାର, ସମୟାନୁବର୍ତ୍ତିତା, ଶୃଙ୍ଖଳିତ ଆଚରଣ, ଗୁରୁଜନଙ୍କୁ ଭକ୍ତିଭାବ ଦ୍ୱାରା ନିଜକୁ ପରିପ୍ରକାଶ କରିପାରିବେ ବୋଲି ମତ ବ୍ୟକ୍ତ କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ରିତାଞ୍ଜଳି ସାହୁ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଶିକ୍ଷୟିତ୍ରୀ ସୁମିତ୍ରା ପାତ୍ର ସମସ୍ତ ଅତିଥି, ଅଭିଭାବକ ଓ ଉପସ୍ଥିତ ଛାତ୍ରୀ ଛାତ୍ରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ମାନିନୀ ସ୍ୱାଇଁ, ଅଶ୍ୱିନୀ ପ୍ରଧାନ ସହଯୋଗ କରିଥିଲେ।

# ରେମଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ଥୁଆପାଲି, ୧୮।୨(ସମିସ):** ବରଗଡ଼ ଜିଲ୍ଲା ରେମଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ବିଜୟ କୁମାର ମିଶ୍ର, ଅଧ୍ୟକ୍ଷ, ଲଖମରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମୁଖ୍ୟବକ୍ତା ରୂପେ ଶିବପ୍ରସାଦ ବାଗ, କୋଷାଧ୍ୟକ୍ଷ, ଶିକ୍ଷା ବିକାଶ ସମିତି, ଓଡ଼ିଶା, ଯୋଗଦାନ କରି ଶିଶୁମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଏହି ଅବସରରେ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା କରନ ପଧାନ, ରାଜା ରାଉତିଆ,ଭୂମିକା ଭୋଇ,ଖୁସି ଦୀପ,ରଶ୍ମିତା ରାଉତିଆ, ପ୍ରିୟମ କମ୍ପ, ଜସ୍ମିନ ପଧାନ,ରିଦ୍ଧିମାନ ମେହେର ଏବଂ ବୃତ୍ତି ପାଇଥିବା ବୈଭବ ବେହେରା, ସାନିଧ୍ୟା ଶତପଥୀ ତଥା ଏନଇଇଟି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ଶୁଭାଶିଷ ପ୍ରଧାନ,ସୁଚିସ୍ମିତା ଭୋଇ, ସତିଶ ସାହୁ , ସ୍ୱାବଲମ୍ବୀ ଛାତ୍ର ଯୋଗେଶ୍ୱର ସାହୁଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପରିଚାଳନା କମିଟିର ସଭାପତି ଭିକାରୀ ଚରଣ ଖମାରୀ ଓ ସଂପାଦକ କିଶୋର କୁମାର ପାଇକଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଶିବାନନ୍ଦ ଦାଶଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ପଦ୍ମଲୋଚନ ପଟେଲ ଓ ଆଚାର୍ଯ୍ୟା ସୁନନ୍ଦା ଖମାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



## ପୁଅ ହେବ ତ ଏମିତି

# ବାପାଙ୍କ ଅସ୍ଥି ବିସର୍ଜନ ଲାଗି ୨୬୦ କିମି ପାଦରେ ଚାଲିଲେ

**ବରଗଡ଼,୧୮।୨(ସମିସ)**

ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଲୁହାଖଣ୍ଡି ଗ୍ରାମ ପଞ୍ଚାୟତ ବରପଦର ଗ୍ରାମର ପୂର୍ବତନ ଶିକ୍ଷକ ତଥା ସମାଜ ସୁଧାରକ ନବୀନ ଚନ୍ଦ୍ର ପଣ୍ଡା , ଯିଏକି ବରଗଡ଼ ପୂର୍ବତନ ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ୍ ନାରାୟଣ ପଣ୍ଡା ତଥା ସାନଭାଇ ଭାରତ ବୁଭୁକ୍ଷୁ ନାରାୟଣ ପଣ୍ଡାଙ୍କ ବାପା ଅଟନ୍ତି । ଗତ ୭ ତାରିଖ ଦିନ ତାଙ୍କର ଦେହାନ୍ତ ହୋଇଛି। ପ୍ରକାଶ ଥାଉ କି, ଆଜିର ଦୁନିଆଁରେ କେତେକ ବୁଢ଼ା ବାପାକୁ ପରକରି ଦେଉଥିବା ବେଳେ ନିଜ ବାପାଙ୍କ ସେବାକରି ମୃତ୍ୟୁ ପରେ ତାଙ୍କ ଅସ୍ଥି ବିସର୍ଜନ ପାଇଁ ପୁଣ୍ୟତୋୟା ନୃସିଂହନାଥକୁ ଦୀର୍ଘ ୨୬୦ କିଲୋମିଟର ପାଦରେ ଚାଲି ଚାଲି ଅସ୍ଥି ବିସର୍ଜନ କରିଥିଲେ ସାନ ପୁଅ ବୁଭୁକ୍ଷୁ ନାରାୟଣ ପଣ୍ଡା। ପୁଣି ନୃସିଂହନାଥରୁ ଚାଲି ଚାଲି ଘରକୁ ଫେରିଥିଲେ । ଗ୍ରାମକୁ ଫେରିବା ପରେ ତାଙ୍କୁ ଗାଁ ମୁଣ୍ଡରୁ ନାମ ସଙ୍କୀର୍ତ୍ତନ ସହ ସ୍ୱାଗତ କରାଯାଇଥିଲା। ଆଜିର ଯୁବ ସମାଜ ପାଇଁ ସେ ଏକ ନିଆରା ପରମ୍ପରା ସୃଷ୍ଟି କରିଛନ୍ତି। ତାଙ୍କ ବଡ଼ଭାଇ ସନ୍ତ୍ରାସ ମଧ ବରଗଡ଼ରେ



ଚାକିରି କରୁଥିବା ସମୟରେ ବହୁ ଗରିବ ମେଧାବୀ ଛାତ୍ର ଛାତ୍ରୀଙ୍କୁ ମାଗଣାରେ ପୁସ୍ତକ ବଣ୍ଟନ କରୁଥିଲେ । ତାଙ୍କରି ଉଦ୍ୟମ କ୍ରମେ ବହୁ କଳାକାର ଆଜି କଳାକାର ଭତ୍ତା ପାଉଛନ୍ତି ଓ ଆଜି ତାଙ୍କ ସ୍ୱର୍ଗବାସୀ ବାପାଙ୍କ ନିଆରା ଢଙ୍ଗରେ ଅସ୍ଥି ବିସର୍ଜନ ସମସ୍ତଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ସ୍ୱର୍ଗତ ନବୀନ ଚନ୍ଦ୍ର ପଣ୍ଡାଙ୍କ ଜନ୍ମ ସ୍ଥାନ ବିଜେପୁର ବ୍ଲକ ମାନପୁର ଗ୍ରାମରେ । ହେଲେ ଦୀର୍ଘଦିନ ହେବ ବରପଦର୍ ଗ୍ରାମରେ ଆସି ସେ ରହୁଥିଲେ। ଆଜି ତାଙ୍କର ଦ୍ୱାଦଶାହ କାର୍ଯ୍ୟ ଥିଲା । ପିଲା ଓ ସ୍ଥାନୀୟ ଲୋକଙ୍କ ଭଲ ପାଇବା ତାଙ୍କୁ ମହାନ କରିଛି ।

# ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ



**ବରଗଡ଼,୧୮ । ୨(ସମିସ):** କ୍ରୀଡ଼ା କ୍ଷେତ୍ରରେ ନୂତନ ଅଧ୍ୟାୟ ଯୋଡ଼ିବ ଝାରବନ୍ଧ ବ୍ଲକ । ଝାରବନ୍ଧ ବ୍ଲକ ମୁଖ୍ୟାଳୟରେ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ସରକାରଙ୍କ ତରଫରୁ ଜମି ଚିହ୍ନଟ ପାଇଁ ଚିଠି ଆସିଛି । ଅଭ୍ୟାସ ପାଇଁ ଭଲ ପଡ଼ିଆ ନ ଥିବା ସତ୍ତ୍ୱେ ବିଗତ ଦିନରେ କ୍ରୀଡ଼ା କ୍ଷେତ୍ରରେ ଝାରବନ୍ଧ ବ୍ଲକର ଖେଳାଳିମାନେ ରାଜ୍ୟସ୍ତରରେ ଭଲ କ୍ରୀଡ଼ା ପ୍ରଦର୍ଶନ କରି ଝାରବନ୍ଧ ବ୍ଲକର ଗର୍ବ ଓ ଗୌରବକୁ ଦ୍ୱିଗୁଣିତ କରିଛନ୍ତି । ଅଞ୍ଚଳ ପାଇଁ ଏକ ଖୁସି ଖବର ଯେ, ସରକାରୀ ସ୍ତରରେ ଝାରବନ୍ଧ ବ୍ଲକରେ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଝାରବନ୍ଧ ତହସିଲଦାର ଅଲେଖ ଘୁଟା, ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା ମିନି ଷ୍ଟାଡିୟମ ନିମନ୍ତେ ଆବଶ୍ୟକ ଜମି ଚିହ୍ନଟ ପାଇଁ କ୍ଷେତ୍ର ପରିଦର୍ଶନ କରିଛନ୍ତି । ଏହି ମିନି ଷ୍ଟାଡିୟମ ତିଆରି ହେଲେ ଯୁବପିଢ଼ି ପାଇଁ ଏକ ନୂତନ ଆଶା ଆକାଂକ୍ଷା ସୃଷ୍ଟହେବା ସହିତ ଝାରବନ୍ଧ ବ୍ଲକ କ୍ରୀଡ଼ା କ୍ଷେତ୍ରରେ ଆଗକୁ ଯିବ । ଜମି ଚିହ୍ନଟ ପାଇଁ କ୍ଷେତ୍ର ପରିଦର୍ଶନ ସମୟରେ ଏଇଇ ଫଣିନ୍ଦ୍ର ପ୍ରଧାନ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ପ୍ରଧାନ,ରାଜସ୍ୱ ପରିଦର୍ଶକ ନବୀନ ରାଉତ, ରାଜସ୍ୱ ନିରୀକ୍ଷକ ଧନଞ୍ଜୟ ଭୁଏ ପ୍ରମୁଖ ସାମିଲ ଥିଲେ । ଏହି ଖବର ଝାରବନ୍ଧ ବ୍ଲକ ଅଞ୍ଚଳରେ ଖୁସିର ଲହରୀ ଆଣିଦେଇଛି ।

# ଆକାଶବାଣୀ ଶ୍ରୋତା ସଂଘର ବାର୍ଷିକ ସମ୍ମିଳନୀ ପାଇଁ ପ୍ରସ୍ତୁତି



**ବରଗଡ଼,୧୮ । ୨(ସମିସ):** ବରଗଡ଼ ସାରଦା କମ୍ପ୍ଲେକ୍ସ ଠାରେ ମଙ୍ଗଳବାର ଆକାଶ ବାଣୀ ଶ୍ରୋତା ସଂଘର ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ୩୧ ତମ ଶ୍ରୋତା ସମ୍ମିଳନୀ ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବରିଷ୍ଠ ସାମ୍ବାଦିକ ଉମେଶ ଚନ୍ଦ୍ର ବିଶ୍ୱାଳ, ବରିଷ୍ଠ ସଦସ୍ୟ ସୁଦାମ ସାହୁ,ଜଗନ୍ନାଥ ସାହୁ, ଉମେଶ ପ୍ରଧାନ, ଦିଲ୍ଲୀପ କୁମାର ସାହୁ, ହରିହର ପ୍ରଧାନ,ବିଶିକେଶନ୍ ଭୋଇ,ଅଶୋକ ସାହୁ ପ୍ରମୁଖ ସଂଘର ବରିଷ୍ଠ ସଦସ୍ୟ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସଂଘର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ତେବେ ସଭ୍ୟମାନଙ୍କ ସର୍ବସମ୍ମତି କ୍ରମେ ଆସନ୍ତା ମାର୍ଚ୍ଚ ୯ ତାରିଖରେ ବରଗଡ଼ଠାରେ ୩୧ ତମ ରାଜ୍ୟସ୍ତରୀୟ ଶ୍ରୋତା ସମ୍ମିଳନୀ ଆୟୋଜନ ପାଇଁ ନିଷ୍ପତ୍ତି ଗୃହୀତ ହୋଇଥିଲା । ଏଥି ସହିତ ପୂର୍ବବର୍ଷ ପରି ବିଷ୍ଣୁ ସାହୁ ଶ୍ରେଷ୍ଠ ଶ୍ରୋତା ସମ୍ମାନ ,ବିପିନ ବିହାରୀ ସମାଜସେବୀ ସମ୍ମାନ ,ହରେକୃଷ୍ଣ ପୂଜାରୀ ନାଟ୍ୟକାର ସମ୍ମାନ,ଶ୍ରେଷ୍ଠ ଗୀତିକାର କ୍ଷୀତିପତି ସାହୁ ସ୍ମୃତି ସମ୍ମାନ ଯୋଗ୍ୟ ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରାଯିବା ପାଇଁ ସ୍ଥିରୀକୃତ ହୋଇଥିଲା । ସଂପ୍ରତି ରେଡିଓର ବ୍ୟବହାର ପ୍ରତି ଲୋକଙ୍କ ଆଗ୍ରହ ସୃଷ୍ଟି ପାଇଁ ଏହି ଅବସରରେ ଏକ ରେଡିଓ ପ୍ରଦର୍ଶନୀ ମଧ୍ୟ ଆୟୋଜନ କରାଯିବ ବୋଲି ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ ସୂଚନା ପ୍ରଦାନ କରିଥିଲେ । ଉକ୍ତ ବୈଠକରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆକାଶ ବାଣୀ ଶ୍ରୋତାବନ୍ଧୁମାନେ ଯୋଗଦେଇ ବାର୍ଷିକ ସମ୍ମିଳନୀକୁ କିପରି ସଫଳତାର ସହ ଆୟୋଜନ କରାଯିବ, ସେ ବିଷୟରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ । ସଂଘର ଉପସଭାପତି ଜଗନ୍ନାଥ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ବିପୁଳ ପରିମାଣର କଫ ସିରପ୍, ନିଶା ଇଞ୍ଜେକସନ ଜବତ

# ଅଭିଯୁକ୍ତ ବିଟ୍ଟୁକୁ ବାନ୍ଧିଲା ପୁଲିସ

**ପଦ୍ମପୁର, ୧୮।୨ (ସମିସ):**



ପଦ୍ମପୁର ଥାନା ଅଧୀନସ୍ଥ ନଗେନମାଲ ବାଇପାସ ରାସ୍ତାରେ ଜନୈକ ବ୍ୟକ୍ତି ଏକ ସ୍କୁଟର (ଓଡି ୧୭ଏସି ୮୬୪୧) ରେ ବ୍ୟାପକ ପରିମାଣର ବେଆଇନ ନିଶା ଇଞ୍ଜେକସନ ଓ କଫ ସିରପ୍ ଆଣୁଥିବା ବେଳେ ପୁଲିସ ହାବୁଡ଼ରେ ଧରାପଡ଼ିଛି । ତଦନ୍ତ କ୍ରମେ ଜଣାଯାଏ ଯେ, ଉକ୍ତ ଥାନା ଅଧୀନସ୍ଥ ଦେଉଳି ଗ୍ରାମର ବିଟୁ (ଭୀମସେନ )କରେଇ ବାଇପାସ ରାସ୍ତା ଦେଇ ଏକ ପ୍ଲାଷ୍ଟିକ ବ୍ୟାଗରେ ୬୧୯ଟି ନିଶା ଇଞ୍ଜେକସନ ଓ ୧୭୪ ବୋତଲ କଫ ସିରପ୍ ଧରି ଆସୁଥିଲା । ତନଖି ପରେ କଫ ସିରପ୍, ଇଞ୍ଜେକସନ ସହ ନଗଦ ୨୬,୫୦୦ ଟଙ୍କା ଓ ଦୁଇଟି ମୋବାଇଲ ଜବତ କରିଥିଲେ । ଅଭିଯୁକ୍ତ ବିଟୁକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସବ ଇନ୍ସପେକ୍ଟର ଧନେଶ୍ୱର ସାହୁ,ଏଏସଆଇ ପୀତବାସ ପଟେଲ, ହାବିଲଦାର ପ୍ରକାଶ ଆଚାର୍ଯ୍ୟ, ସୁରେନ୍ଦ୍ର ସାଗର ଓ ଅନ୍ୟମାନେ ଏହି ଚଢ଼ଉରେ ସାମିଲ ଥିଲେ ।

# ଜନତା ହାଇସ୍କୁଲରେ ଆର୍ଦ୍ରଭୂମି ସଂରକ୍ଷଣ ପାଇଁ ସଚେତନତା

**ଅମ୍ବାଭୋନା,୧୮ । ୨(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁକ୍ତାରେ ଆର୍ଦ୍ରଭୂମିର ସୁରକ୍ଷା ଓ ସଂରକ୍ଷଣ ପାଇଁ ସଚେତନତା ସୃଷ୍ଟି କରାଯାଇଛି । ପ୍ରାରମ୍ଭରେ ଛାତ୍ର ସମ୍ମେଳନରେ ବିଦ୍ୟାଳୟର ଇକୋ କ୍ଲବ ମାଷ୍ଟର ଟ୍ରେନର ସଂଜୟ ଖମାରୀ ଆର୍ଦ୍ର ପରିସଂସ୍ଥାର ସୁରକ୍ଷା ଓ ସଂରକ୍ଷଣ କରିବା ନିମନ୍ତେ କାର୍ଯ୍ୟ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକ ଆର୍ଦ୍ରଭୂମି ଓ ପରିସଂସ୍ଥା ସଂରକ୍ଷଣ ଦିଗରେ ଯତ୍ନଶୀଳ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଇକୋ କ୍ଲବ ମାଷ୍ଟର ଟ୍ରେନର ସଂଜୟ ଖମାରୀ ଏକ କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମରେ ଭାରତର ବିଭିନ୍ନ ସ୍ଥାନରେ ଅବସ୍ଥିତ ଆର୍ଦ୍ରଭୂମି ସଂପର୍କିତ ସୂଚନା ପ୍ରଦାନ କରିବା ସହିତ ଆର୍ଦ୍ର ଭୂମି ସଂରକ୍ଷଣର ଆବଶ୍ୟକତା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଧାରଣା ପ୍ରଦାନ କରିଥିଲେ । ଏକ ଆର୍ଦ୍ରଭୂମି ମିତ୍ର ଭାବରେ ଆର୍ଦ୍ରଭୂମି ସଂରକ୍ଷଣ ନିମିତ୍ତ ସଦାସର୍ବଦା ଯତ୍ନଶୀଳ ହେବା ପାଇଁ ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ, ଶକ୍ତି କ୍ଲବ, ମାନକ କ୍ଲବ ଓ ବିଜ୍ଞାନ କ୍ଲବର ଛାତ୍ରଛାତ୍ରୀମାନେ ଶପଥ ପାଠ କରିଥିଲେ । ଆର୍ଦ୍ରଭୂମି ସୁରକ୍ଷା ଉପଲକ୍ଷେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଶିକ୍ଷକ ତେଜରାମ ସା, ବୋଧରାମ ବିଶ୍ୱାଳ, ଆଶୁତୋଷ ଭୋଇ,ସୁବାସ ଚନ୍ଦ୍ର ଖମାରୀ, ପଦ୍ମଲୋଚନ ବିଶି ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।




# ପୁଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ରାଲି

**ବରଗଡ଼,୧୮ । ୨(ସମିସ):** 'ସଡ଼କ ସୁରକ୍ଷା ପରିବାର ରକ୍ଷା' - ଏହି ବାର୍ତ୍ତା ନେଇ ମଙ୍ଗଳବାର ବରଗଡ଼ ଟାଉନ ଥାନା ପରିସରରୁ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ଟାଉନ ଥାନା ଅଧିକାରୀ ସତ୍ୟଜିତ କଣ୍ଡେଲକରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା । ଏସପି ଅଫିସ ଛକ, ସେଲଟ୍ୟାକ୍ସ ଅଫିସ ଛକ, ସରକାରୀ ବସଷ୍ଟାଣ୍ଡ, ଏସପି ଅଫିସ ଛକଦେଇ ଗାନ୍ଧିଛକରେ ରାଲି ପହଞ୍ଚିଥିଲା । ହେଲମେଟ ଓ ଟ୍ରାଫିକ ନିୟମ ମାନୁଥିବା ଗାଡ଼ି ଚାଳକଙ୍କୁ ଗୋଲାପ ଫୁଲ ପ୍ରଦାନ କରି ଉତ୍ସାହିତ କରାଯାଇଥିବା ବେଳେ ହେଲମେଟ ପିନ୍ଧି ନଥିବା, ଗାଡ଼ିରେ ୩ ଜଣ ବସିଥିବା ଓ ଟ୍ରାଫିକ ନିୟମ ମାନୁ ନଥିବା ଗାଡ଼ି ଚାଳକଙ୍କୁ ସଚେତନ କରାଯାଇଥିଲା । ତା ସହ ଟ୍ରାଫିକ ନିୟମ ମାନିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା । ଏହି ରାଲିରେ ବରଗଡ଼ ଟାଉନ ଥାନା ଅଧିକାରୀ ସତ୍ୟଜିତ କଣ୍ଡେଲକର, ଇନସ୍ପେକ୍ଟର ଯାଦବ ବାଗ, ସୁଶାନ୍ତ ସାହୁ, ଏଏସଆଇ ପୀତବାସ ଲାଟି, ରଶ୍ମିରଞ୍ଜନ ହୋତା, ରାଧେଶ୍ୟାମ ବିଶ୍ୱାଳ, ଏସଆଇ ପ୍ରତିମା ଡୁଙ୍ଗଡୁଙ୍ଗ, ଭଗତ ସିଂ ମାଝୀଙ୍କ ସମେତ ବରଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ, ଜର୍ଜ ହାଇସ୍କୁଲର ଛାତ୍ର ଓ ପୁଲିସ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କୁ ସଚେତନ କରିଥିଲେ ।



# ଜେସିଆଇ ୟୁନାଇଟେଡ୍ ପକ୍ଷରୁ ଡଗ୍ ଶୋ'

# ଭାଗନେଲେ ୨୭ ପ୍ରଜାତିର ୧୨୯ କୁକୁର







**ବରଗଡ଼,୧୮ । ୨(ସମିସ):** ଜେସିଆଇ ବରଗଡ଼ ୟୁନାଇଟେଡ୍ ନିଶାମଣି ହାଇସ୍କୁଲ ଗ୍ରାଉଣ୍ଡରେ ଏକ ଡଗ୍ ଶୋ' କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଏହି କାର୍ଯ୍ୟକ୍ରମର ବିଚାରପତି ଥିଲେ ମୁମ୍ବାଇର ବାସିନ୍ଦା ସନ୍ଦୀପନ୍ ଡାଲାଲ ଜୀ । କାର୍ଯ୍ୟକ୍ରମର ପ୍ରକଳ୍ପ ନିର୍ଦ୍ଦେଶକ ଥିଲେ ଜେସି ଭରତ ଚନ୍ଦ୍ର ମେହେର ଜୀ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୨୯ କୁକୁରଙ୍କ ପଞ୍ଜୀକରଣ କରାଯାଇଥିଲା । ପ୍ରାୟ ୫ ହଜାର ଲୋକ ନିଶାମଣି ଗ୍ରାଉଣ୍ଡରେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ୨୭ ପ୍ରଜାତିର କୁକୁର ଅଂଶଗ୍ରହଣ କରିଥିଲେ । ସମସ୍ତ କୁକୁରଙ୍କୁ ପଦକ ଦିଆଯାଇଥିଲା । ସମସ୍ତ କୁକୁର ଆସି ବିଭିନ୍ନ କୌଶଳ ଦେଖାଇ ସେଠାରେ ଉପସ୍ଥିତ ଦର୍ଶକଙ୍କୁ ଆକର୍ଷିତ କରିଥିଲେ । ଏଭଳି କାର୍ଯ୍ୟକ୍ରମ ପୂର୍ବରୁ ବରଗଡ଼ରେ ଆୟୋଜିତ ହୋଇ ନଥିଲା । ସମସ୍ତ କୁକୁରଙ୍କୁ ସେମାନଙ୍କ କୌଶଳ, ଆଚରଣ ଏବଂ ରକ୍ଷଣାବେକ୍ଷଣ ଉପରେ ମାର୍କ ଦିଆଯାଉଥିଲା । ଏହି କାର୍ଯ୍ୟକ୍ରମରେ ବରଗଡ଼, ଓଡ଼ିଶା ଏବଂ ଭାରତର ଅନ୍ୟାନ୍ୟ ରାଜ୍ୟରୁ କୁକୁରମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ । ସଭାପତି ରୁପମ୍ ଦାଶ , ସଚିବ ରୋଶନ ଅଗ୍ରୱାଲ , ପୂର୍ବତନ ରାଷ୍ଟ୍ରପତି ଆଇପିପି ଅଖିଲ ଅଗ୍ରୱାଲ, ଭରତ ଚନ୍ଦ୍ର ମେହେର ପୁଲିସ ବିଭାଗ ସହିତ ସମସ୍ତ ସୁରକ୍ଷା ବ୍ୟବସ୍ଥାର ସମ୍ପୂର୍ଣ୍ଣ ଯତ୍ନ ନେଇଥିଲେ ଏବଂ ଏହି କାର୍ଯ୍ୟକ୍ରମ ଦେଖିବା ପାଇଁ ଦର୍ଶକଙ୍କ ପାଇଁ ସୁଗମ ବ୍ୟବସ୍ଥା ମଧ୍ୟ କରିଥିଲେ । ବିଜେତା କୁକୁରଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । ଏହିପରି ଏକ ମହାନ୍ ଏବଂ ଉତ୍କୃଷ୍ଟ ଭାବରେ ସଂଗଠିତ ଏହି କାର୍ଯ୍ୟକ୍ରମ ଏକ ପ୍ରଶଂସନୀୟ ଭାବରେ ସମାପ୍ତ ହୋଇଥିଲା । ସମସ୍ତ ଜେସି ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏହି ପ୍ରୋଗ୍ରାମ୍ ଜେସିଆଇ ସଦସ୍ୟଙ୍କ ଏକତା ଏବଂ କଠିନ ପରିଶ୍ରମ ଯୋଗୁ ସଫଳ ହୋଇଥିଲା ।

## ବାରମ୍ବାର ଅଭିଯୋଗ ସତ୍ତ୍ୱେ ସୁରକ୍ଷା ବାଡ଼ ନୋହିଲା

# ଲଟାବୁଦା ଘେରରେ ବଗେଇବିରା ଟ୍ରାନ୍ସଫର୍ମର

**ବରଗଡ଼,୧୮ ।୨(ସମିସ):**



ବରଗଡ଼ ବ୍ଲକ ଦେଓଗାଁ ବିଦ୍ୟୁତ୍ ସେକ୍ସନ୍ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତର ବଗେଇବିରା ଗ୍ରାମର ମୁଖ୍ୟ ରାସ୍ତାରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ବର୍ତ୍ତମାନ ଲଟାବୁଦା ଘେରେଇ ରହିଛି । ଏହାଛଡ଼ା ଟ୍ରାନ୍ସଫର୍ମର ଚାରିପାଖରେ ସୁରକ୍ଷା ବାଡ଼ ମଧ୍ୟ ଦିଆ ଯାଇନାହିଁ । ଏଥିଯୋଗୁଁ ଏଠାରେ ସର୍ଟସର୍କିଟ ହୋଇ ଯେକୌଣସି ସମୟରେ ଅଘଟଣ ଘଟିବାର ଆଶଙ୍କା ପ୍ରକାଶ ପାଇଛି । ତେଣୁ ବିଦ୍ୟୁତ ବିଭାଗ ତୁରନ୍ତ ଏହି ଲଟାବୁଦା ସବୁ ସଫେଇ କରିବା ସହ ଏହାର ସୁରକ୍ଷା ଦିଗ ଉପରେ ପଦକ୍ଷେପ ଗ୍ରହଣ କରିବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି । କୌଣସି ଅଘଟଣ ନ ଘଟୁ, ଏଥିଲାଗି ଟାଟା ପାୱାରକୁ ବାରମ୍ବାର ସମସ୍ୟାର ସମାଧାନ ପାଇଁ ଗାଁ ଲୋକମାନେ ଯେତେ ଅଭିଯୋଗ କଲେ ସୁଦ୍ଧା ଚାରିପଟେ ବାଡ଼ର ବ୍ୟବସ୍ଥା ହେଉନାହିଁ । ବିଦ୍ୟୁତ୍ ବିଭାଗ ସତେ ଯେମିତି କିଛି ଅଘଟଣକୁ ଅପେକ୍ଷା କରିଛି, ତା ପରେ କାମ କରିବେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ରାସ୍ତାରେ ଛୋଟ ଛୋଟ ପିଲା, ବିଭିନ୍ନ ସ୍କୁଲ କଲେଜ ଛାତ୍ରଛାତ୍ରୀ, ଗାଈ ଗୋରୁଙ୍କ ସହ ଲୋକମାନେ ଯିବା ଆସିବା କରୁଛନ୍ତି । ଏଣୁ କିଛି ଅଘଟଣ ଘଟିବା ପୂର୍ବରୁ ବିଭାଗୀୟ ଅଧିକାରୀମାନେ ଆସି ଏଠାରେ ତୁରନ୍ତ ସମସ୍ୟାର ସମାଧାନ କରନ୍ତୁ ବୋଲି ଗ୍ରାମବାସୀ ଅନୁରୋଧ କରିଛନ୍ତି ।

# ଫେବୃଆରୀ ୨୧ରୁ ଭୂତମୁଣ୍ଡା ବୁଢ଼ାରଜା କ୍ରିକେଟ୍



**ମାଣ୍ଡୋସିଲ,୧୮ ।୨(ସମିସ):** ପାଇକମାଳ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଭୂତମୁଣ୍ଡାରେ ହେବାକୁଥିବା ୫ମ ଭୂତମୁଣ୍ଡା ବୁଢ଼ାରଜା କ୍ରିକେଟ୍ କପ୍ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଫେବୃଆରୀ ୨୧ରୁ ଆରମ୍ଭ ହୋଇ ୨୫ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବା ନେଇ ବୈଠକରେ ଆଲୋଚନା ହୋଇଛି । ଆୟୋଜକ କମିଟି ସଭାପତି ଭାବରେ ଭରତ ଧରୁଆ, ସମ୍ପାଦକ ସୌମ୍ୟରଞ୍ଜନ ମହାନ୍ତି ଓ କୋଷାଧ୍ୟକ୍ଷ ଚକ୍ରଧର ପ୍ରଧାନଙ୍କୁ ମନୋନୀତ କରାଯାଇଛି । ବୈଠକରେ ଆୟୋଜକ କମିଟି ତଥା ଗ୍ରାମ୍ୟ କମିଟି ସମସ୍ତ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ ।

## ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ

# ଜିଲ୍ଲାର ୪୧ଟି କେନ୍ଦ୍ରରେ ଚାଲିଛି ପରୀକ୍ଷା

**ସମ୍ବଲପୁର, ୧୮ ।୨(ସମିସ):** ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହୋଇଛି। ପରୀକ୍ଷା କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସମ୍ବଲପୁର ଜିଲ୍ଲାର ୪୧ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହେଉଛି। ଜିଲ୍ଲାରେ ୭ଟି ପରୀକ୍ଷା ପରିଚାଳନା ହବ୍ ସେଣ୍ଟର (ଇଏମ୍ଏଚ୍ସି) କରାଯାଇଥିଲା। ଗଙ୍ଗାଧର ମେହେର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସମେତ ସରକାରୀ ମହିଳା କଲେଜ, ଲଇଡ଼ା କଲେଜ, ରେଢ଼ାଖୋଲ ଭୀମଭୋଇ କଲେଜ, ବାମରା ଟିଏଫ କଲେଜ ଏବଂ କୁଚିଣ୍ଡା କଲେଜ ରହିଛି। ପରୀକ୍ଷାର ୨ଘଣ୍ଟା ପୂର୍ବରୁ ନୋଡାଲ ଅଧିକାରୀ ତଥା ତହସିଲଦାରଙ୍କ ପ୍ରତିନିଧି, ପୁଲିସ ଓ ହବ୍ ସେଣ୍ଟର ଅଧୀକ୍ଷକଙ୍କ ଉପସ୍ଥିତିରେ ପ୍ରଶ୍ନପତ୍ର ଖୋଲାଯାଇଥିଲା। ନିରୀକ୍ଷକ ଦଳ ଟ୍ୟାଗ୍ ହୋଇଥିବା ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ଗୁଡ଼ିକ ନେଇଯିବା ସହିତ ଉତ୍ତରଖାତା କଲେଜ, ବୁର୍ଲା ଏନ୍ଏସି କଲେଜ, ବୁର୍ଲା ଜ୍ୟୋତିବିହାର ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ବୁଢ଼ାରଜା




ରାମକଳୀ ଦେବୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଶାସନ ଡିପିଏ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ରମେଲା ସୁରଜମଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଲପଙ୍ଗା ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟକୁ ଟ୍ୟାଗ୍ କରାଯାଇଥିଲା। କେବଳ ଜିଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳା, ବାଣିଜ୍ୟ ଓ ବିଜ୍ଞାନରେ ରେଗୁଲାରରେ ୧୧୨୦ ଜଣ ପରୀକ୍ଷା ଦେବାକୁ ଥିବା ବେଳେ ଏଥିରେ ସଂଲଗ୍ନ ହୋଇଥିବା ବେଦିକ କଲେଜର ୩୬୫ ଓ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୭୩ଜଣ ପରୀକ୍ଷା ଦେଇଛନ୍ତି। ଏହାବ୍ୟତୀତ ସମ୍ବଲପୁରର ସିଏସ୍ବି ଜିଲ୍ଲା ସ୍କୁଲରେ ଜିଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ଦ୍ୱିତୀୟ କ୍ୟାମ୍ପସ କରାଯାଇଛି। ଯେଉଁଥିରେ ନିଉଟନ କଲେଜର ୩୪୬, ସାଣ୍ଡିଲ୍ୟ କଲେଜର ୬୧ ଗୁଡ଼ିକ ନିଜ ଦାୟିତ୍ୱରେ ହବ୍ ସେଣ୍ଟରକୁ ଆଣିବେ, ସମାନ ଦିନରେ ଉତ୍ତରଖାତା ସିଏଚ୍ଏସଇକୁ ପ୍ରେରଣ ହୋଇଥିଲା। ଜିଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ହବ୍ ସେଣ୍ଟର ସହିତ ୮ଟି ଶିକ୍ଷାନୁଷ୍ଠାନ ଟ୍ୟାଗ୍ କରାଯାଇଛି। ସେଗୁଡ଼ିକ ହେଲା ହୀରାକୁଦ ଏବଂ ସେଭେନ ହିଲ୍ସ ସ୍କୁଲର ୬୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରେଗୁଲାରରେ ୪୬୬ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ଏଥିରେ ସଂଲଗ୍ନ ଗାୟତ୍ରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୪୪ଜଣ ଏବଂ ଏପ୍ରାଇଜ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୦୨ଜଣ ପରୀକ୍ଷା ଦେଇଥିଲେ। ସମଗ୍ର ଜିଲାର ୫୩ଟି ଶିକ୍ଷାନୁଷ୍ଠାନରେ ୧୦୭୨୨ଜଣ ରେଗୁଲାରରେ ପରୀକ୍ଷା ଦେବାକୁ ଥିବା ବେଳେ କଳାରେ ୬୧୫୩ଜଣ, ବାଣିଜ୍ୟରେ ୯୨୨ଜଣ ଓ ବିଜ୍ଞାନରେ ୩୬୪୭ଜଣ ପରୀକ୍ଷା ଦେବେ ବୋଲି ଜଣାଯାଇଛି।

## କଟୁରିରେ ଆକ୍ରମଣ ମାମଲା: ଜଣେ କୋର୍ଟଚାଲାଣ

**ଝାରସୁଗୁଡ଼ା, ୧୮।୨(ସମିସ):** ବେଲପାହାଡ଼ ଥାନା ଅଧୀନ ଲିମଟିକ୍ରା ଅଞ୍ଚଳରେ ଜଣେ ଯୁବକଙ୍କୁ କଟୁରିରେ ଆକ୍ରମଣ କରିବା ମାମଲାରେ ଜଣେ ବ୍ୟକ୍ତିଙ୍କୁ ପୁଲିସ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଜାହାଜପଡ଼ା ଲିମଟିକ୍ରାର ଗୋପୀକୃଷ୍ଣ ନାଗ। ସୂଚନାନୁଯାୟୀ, ସୋମବାର ଅପରାହ୍ଣରେ ଜାହାଜପଡ଼ା ଲିମଟିକ୍ରା ଆମ୍ବତୋଟା ନିକଟରେ ଗୋପୀକୃଷ୍ଣ ଏକ କଟୁରିରେ ଡିଲେଶ୍ୱର କୁମ୍ଭାରଙ୍କ ମୁଣ୍ଡ ଓ ହାତ ଆଦି ସ୍ଥାନରେ ଆକ୍ରମଣ କରିଥିଲେ। ଫଳରେ ଡିଲେଶ୍ୱର ଗୁରୁତର ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସାଳୟକୁ ପଠାଇଥିଲେ। ଡିଲେଶ୍ୱରଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ବେଲପାହାଡ଼ ଥାନାରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ଗୋପୀକୃଷ୍ଣଙ୍କୁ ଗିରଫ କରିବା ସହ ତାଙ୍କୁ କୋର୍ଟଚାଲାଣ କରିଛି।

## ଏମ୍ସିଏକ୍ସ ନାଁରେ ବଢ଼ୁଛି ଅଭିଯୋଗର ଲମ୍ବା ଫର୍ଦ୍ଦ

# ଇଓଡବ୍ଲ୍ୟୁ ଯିବେ ଜମାକାରୀ

**ସମ୍ବଲପୁର, ୧୮ ।୨(ସମିସ):** ଏମସିଏକ୍ସ ସିଟି ସଂସ୍ଥା ଦ୍ୱାରା ୧୨୦୦ କୋଟି ଟଙ୍କା ଠକେଇକୁ ନେଇ ଇଓଡବ୍ଲ୍ୟୁରେ ଅଭିଯୋଗ କରିବେ ଜମାକାରୀ। ଏନେଇ ଜମାକାରୀ ସଂଘ ଏମ୍ସିଏକ୍ସ ସିଟି କ୍ରାଇସିସ ସମିତି ସୂଚନା ଦେଇଛି।ଏମସିଏକ୍ସ ସିଟିକୁ ନେଇ ପ୍ରତିଦିନ ନୂଆ ନୂଆ ଅଭିଯୋଗ ଆସୁଥିବାବେଳେ ସମୁଦାୟ୩୦୦୦ କୋଟି ଟଙ୍କା ଠକେଇ ହୋଇଥିବା ଜମାକାରୀ ଅଭିଯୋଗ କରିଛନ୍ତି।ଏନେଇ ଜମାକାରୀ ମଙ୍ଗଳବାର ଦିନ ଧନୁପାଲି ଥାନାକୁ ଆସି ଦୀର୍ଘ ସମୟ ଧରି ଆଲୋଚନା ହୋଇଛି। କିନ୍ତୁ ନିର୍ଯାସ ବାହାରି ନପାରିବାରୁ ସମସ୍ତେ ଇଓଡବ୍ଲ୍ୟୁ ଯିବା ନେଇ କହିଛନ୍ତି। ଯେହେତୁ ଘଟଣାଟି ଧନୁପାଲି ଥାନା ଅଞ୍ଚଳରେ ଘଟିଛି ସ୍ଥାନୀୟ ଅଞ୍ଚଳର ନିବେଶକ କେବଳ ଧନୁପାଲି ଥାନାରେ ଏତଲା ଦିଅନ୍ତୁ ବୋଲି ପୁଲିସ କହିଛି। ସେହିପରି ଅନ୍ୟମାନେ ନିଜ ନିଜ ଅଞ୍ଚଳରେ ଥିବା ଥାନାରେ ଏତଲା ଦିଅନ୍ତୁ ବୋଲି ପୁଲିସ କହିବା ଅଭିଯୋଗ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେପଟେ ଥାନା ଉପରେ ଆମର ଭରସା ନାହିଁ ଆମେ ଇଓଡବ୍ଲ୍ୟୁର ଦ୍ୱାରସ୍ଥ ହେବୁ ବୋଲି କହିଛନ୍ତି ନିବେଶକ। ନିବେଶକମାନେ ଲୋଭରେ ପଡ଼ି ଟଙ୍କା ଜମା କରିଥିବା କଥା କହିଛନ୍ତି।ଏଭିତରେ ଦିନକୁ ଦିନ ନୂଆ ନୂଆ ନିବେଶକ ସାମ୍ନାକୁ ଆସିବା ସହ ଅଭିଯୋଗ ସଂସ୍ଥା ବିରୋଧରେ ମୁହଁ ଖୋଲୁଛନ୍ତି। ଅନ୍ୟପକ୍ଷରେ ୪୦୦ ଜଣ ଏଜେଣ୍ଟ ଏହି ସଂସ୍ଥାରେ କାମ କରୁଥିବା ଜମାକାରୀ କହିଛନ୍ତି। ୪୦୦ ଏଜେଣ୍ଟ ଜରିଆରେ ପଶ୍ଚିମ ଓଡ଼ିଶା ସମେତ ରାଜ୍ୟ ବାହାରେ ଏହି ସଂସ୍ଥା ଟଙ୍କା ଅସୁଲି କରି ଏବେ ଟଙ୍କା ଫେରାଇବା ନେଇ କୌଣସି ଉତ୍ତର ରଖୁନଥିବା ଜମାକାରୀ କହିଛନ୍ତି। ଘଟଣା ପ୍ରଘଟ ହେବାର ୩ଦିନ ବିତିଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠା ନହେବାକୁ ନେଇ ଜମାକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

## ବନାଗ୍ନି ନିରାକରଣ ସଚେତନତା ଶୋଭାଯାତ୍ରା

**ଦେବଗଡ଼, ୧୮।୨(ସମିସ):** ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ମଙ୍ଗଳବାର ବନାଗ୍ନି ନିରାକରଣ ପାଇଁ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବନାଗ୍ନି କାରଣରୁ ନିରୀହ ବନ୍ୟପ୍ରାଣୀଙ୍କ ଅକାଳରେ ମୃତ୍ୟୁ ତଥା ଜଳବାୟୁ ଉପରେ ଗଭୀର ପ୍ରଭାବ ପକାଇଥାଏ। ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ଅନେକ ଔଷଧୀୟ ଗୁଳ୍ମ ଜଳିପୋଡ଼ି ଲୋପ ପାଉଥିବାରୁ ଏହାକୁ ରୋକିବାକୁ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପକ ଦିଲ୍ଲୀପ ବେହେରା, ଅଧ୍ୟାପିକା ସରିତା ନଳିନୀ ପ୍ରଧାନ ଓ ବିଦ୍ୟାର୍ଥୀମାନେ ସଚେତନତା କାର୍ଯ୍ୟକ୍ରମକୁ ଆରମ୍ଭ କରିଛନ୍ତି। ଆଗାମୀ ଦିନରେ ଏହାର ବ୍ୟାପକ ପ୍ରଚାର କରାଯିବ ବୋଲି ଅଧ୍ୟାପକ ଶ୍ରୀ ବେହେରା ମତପ୍ରକାଶ କରିଛନ୍ତି।

## ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆରମ୍ଭ

**ଝାରସୁଗୁଡ଼ା, ୧୮।୨(ସମିସ):** ଲଖନପୁର ବ୍ଲକ ଅଧୀନ ପଞ୍ଚଗାଁରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପଞ୍ଚଗାଁ ଶାଖା ପକ୍ଷରୁ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆରମ୍ଭ ହୋଇଛି। ମଙ୍ଗଳବାର ଅପରାହ୍ଣ ୩ଟା ବେଳେ ଘଣ୍ଟଶଙ୍ଖ ଓ ଗାଁର ସଂକୀର୍ତ୍ତନ ମଣ୍ଡଳୀସହ ହୁଳହୁଳି ଓ ହରିବୋଲ ଧ୍ୱନିରେ ମହିଳାମାନେ ଶୋଭାଯାତ୍ରାରେ ବାହାରି



ପଞ୍ଚଗାଁ ମହାଦେବ ବନ୍ଧରୁ ୩୫୦ ଜଳପୂର୍ଣ୍ଣ କଳସ ଆଣି ଡୁମେରଢ଼ିପା ଓ ପଞ୍ଚଗାଁ ଗ୍ରାମ ପରିକ୍ରମା କରିଥିଲେ। ପରେ ଯଜ୍ଞମଣ୍ଡପରେ ବିଧିପୂର୍ବକ କଳସ ସ୍ଥାପନ କରାଯାଇଥିଲା। ସନ୍ଧ୍ୟାରେ ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ମାର୍ଗଦର୍ଶକ ପ୍ରଶାନ୍ତ ସେଟ ଏବଂ ଅନ୍ୟ ସହପୂଜକଙ୍କ ଦ୍ୱାରା ମନ୍ତ୍ରପାଠ, ମଙ୍ଗଳ ଆଳତୀ ପରେ ପ୍ରବଚନ ମାଧ୍ୟମରେ ନାରୀ ଜାଗରଣ ବିଷୟରେ ମାର୍ଗଦର୍ଶନ କରିଥିଲେ। ଗାୟତ୍ରୀ ପରିବାର ପକ୍ଷରୁ ଆୟୋଜିତ ମହାଯଜ୍ଞରେ ପଞ୍ଚଗାଁ, ଡୁମେରଢ଼ିପା, ପଡ଼ୋଶୀ ସୁନ୍ଦରଗଡ଼ ଜିଲ୍ଲା ନାକାଡେରା ତଥା ଅଞ୍ଚଳର ମୁଖ୍ୟ ଦେବ ଦମ୍ପତିଙ୍କ ମଧ୍ୟରେ ହରିଶଙ୍କର ବେହେରା, ବଗତ୍ରାମ ଭୋଇ, ଗୌରାଙ୍ଗ ସା, ସତ୍ୟାନନ୍ଦ ସାହୁ (କ) ଉଗ୍ରେସନ ଭୋଇ, ଲାଲ ପଧାନ, ଅଦ୍ୱୈତ୍ୟ ସାହୁ, ସତ୍ୟାନନ୍ଦ ସାହୁ, ବବୁଲୁ ସାହୁ, ଆନନ୍ଦ ପଧାନ, ପ୍ରଦୀପ ପଧାନ, ଶିବ ଭୋଇ, ଗାନ୍ଧୀ ପଧାନ, ଆଶିଷ ଅଗ୍ରୱାଲ, ଶ୍ରୀଚରଣ ଅଗ୍ରୱାଲ ସପତ୍ନୀକ ଯଜ୍ଞ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି।

# ସରକାରୀ ଛାପାଖାନା ସ୍ଥାନାନ୍ତର ହେବନି: ପ୍ରମୁଖ ଶାସନ ସଚିବ

**ଦେବଗଡ଼, ୧୮।୨(ସମିସ):** ଓଡ଼ିଆ ଭାଷା ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ତତ୍କାଳୀନ ବାମଣ୍ଡା ଗଡ଼ଜାତରେ ୧୮୮୬ ମସିହାରେ ସ୍ଥାପିତ ବର୍ତ୍ତମାନର ସରକାରୀ ମୁଦ୍ରଣାଳୟକୁ ଦେବଗଡ଼ରୁ ଉଠାଇନେବାର ବିଭାଗୀୟ ଚକ୍ରାନ୍ତ ସମ୍ପର୍କିତ ଖବର 'ସକାଳ'ରେ ପ୍ରକାଶିତ ହେବାପରେ ଜିଲ୍ଲାରେ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଜିଲ୍ଲା ନାଗରିକ କମିଟି ପକ୍ଷରୁ ଦେବଗଡ଼ ଜିଲ୍ଲାରେ ଥିବା ଐତିହାସିକ ଛାପାଖାନାକୁ ଆଧୁନିକୀକରଣ କରାଯାଇ ପୁରାତନ ଛାପା ଯନ୍ତ୍ରଗୁଡ଼ିକୁ ସଂଗ୍ରହାଳୟରେ ସ୍ଥାନିତ କରିବାକୁ ଦାବି କରାଯାଇଥିଲା। ଜନସାଧାରଣଙ୍କ ଭାବାବେଗକୁ ଦେଖି ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମଧ ଦେବଗଡ଼ ସରକାରୀ ଛାପାଖାନାକୁ ସ୍ଥାନାନ୍ତର ନ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପାଖରେ ଦାବି କରିବା ସହ



ମଙ୍ଗଳବାର ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କୁ ସାକ୍ଷାତ କରି ଏମର୍ମରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଓଡ଼ିଆ ଭାଷା ଆନ୍ଦୋଳନରେ ଏହି ସରକାରୀ ଛାପାଖାନାର ଭୂମିକା ବର୍ଣ୍ଣନା କରିବା ସହ ରାଜା ସାର ବାସୁଦେବ ସୁଢ଼ଳଦେବଙ୍କ ପ୍ରଚେଷ୍ଟାରେ ସ୍ଥାପିତ ଉକ୍ତ ଶତାୟୁ ଛାପାଖାନାରେ ଏକଦା କବି ରାଧାନାଥ ରାୟ, ଗଙ୍ଗାଧର ମେହେରଙ୍କ ଭଳି ଯୋଗଜନ୍ମା କବିଙ୍କ କବିତା ପ୍ରକାଶିତ କରିବାସହ ବାମଣ୍ଡା ଗଡ଼ଜାତର ମୁଖପତ୍ର ପ୍ରକାଶିତ ହେଉଥିବା ଉଲ୍ଲେଖ କରିଥିଲେ। ଏହି ଐତିହାସିକ ଛାପାଖାନାର ଢାଞ୍ଚାକୁ ଅକ୍ଷୁର୍ଣ୍ଣ ରଖି ଏଠାରୁ ଅପସାରଣ କରାଯାଇଥିବା କର୍ମଚାରୀଙ୍କ ସ୍ଥାନରେ ପୁନଃ କର୍ମଚାରୀ ନିଯୁକ୍ତି କରି ଛାପାଖାନାକୁ ଜାରି ରଖିବାକୁ ଦାବି କରିଥିବା ଜଣାପଡ଼ିଛି। ବିଧାୟକ ଶ୍ରୀ ବିଶ୍ୱାଳଙ୍କ ସହ ଆଲୋଚନା ପରେ ବାଣିଜ୍ୟ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ପାଢ଼ୀ ଦେବଗଡ଼ସ୍ଥିତ ସରକାରୀ ଛାପାଖାନା ସ୍ଥାନାନ୍ତର ନ କରିବାକୁ ବିଭାଗୀୟ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଛନ୍ତି। ଛାପାଖାନା ସ୍ଥାନାନ୍ତର କରାଯିବ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିବା ବିଧାୟକ ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି।

## ଏକଦିବସୀୟ କ୍ରିକେଟ ପ୍ରତିଯୋଗିତା

# ବଡ଼ଯୋବକୁ ହରାଇ ରାଜପୁର ଚାମ୍ପିଅନ

**ବ୍ରଜରାଜନଗର, ୧୮।୨(ସମିସ):** ଝାରସୁଗୁଡ଼ା ବନଖଣ୍ଡ ଅଧୀନ ବ୍ରଜରାଜନଗର ବନାଞ୍ଚଳ ତରଫରୁ ବନାଗ୍ନି ନିରାକରଣ ସଚେତନତା ଉପଲକ୍ଷେ ମଙ୍ଗଳବାର ରାଜପୁର ଖେଳପଡ଼ିଆରେ ଏକଦିବସୀୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ବଡ଼ଯୋବ ଭିଏସ୍ଏସ୍ ଓ ରାଜପୁର ଭିଏସ୍ଏସ୍ ମଧ୍ୟରେ ଖେଳା ଯାଇଥିଲା। ରାଜପୁର ଦଳ ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ୮୮ ରନ କରିଥିଲା। ଲକ୍ଷ୍ୟର ପିଛା କରି ବଡ଼ଯୋବ ଦଳ ନିର୍ଦ୍ଧାରିତ ଓଭରରେ ୬୯ ରନ କରି ପରାଜୟ ବରଣ କରିଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ବନ୍ୟଜନ୍ତୁ ସଂରକ୍ଷକ ପ୍ରହ୍ଲାଦ ନାୟକ ଏବଂ ସମ୍ମାନିତ ଅତିଥି ଭାବେ ଗୌଡ଼ମାଲ ସରପଞ୍ଚ ରାଜକୁମାର ସାଏ, ରାଜପୁର ସରପଞ୍ଚ ସରସ୍ୱତୀ ନାୟକ, ପୂର୍ବତନ ସମିତି ସଭ୍ୟ ଗଣେଶ ରାମ ବାଗ,



ବିଜେପି ନେତା ରାଧେଶ୍ୟାମ ପ୍ରଧାନ, ଜିଲ୍ଲା ପରିବେଶ କମିଟି ସଦସ୍ୟ ବିଜୟ ବେହେରା ଯୋଗଦେଇଥିଲେ। ବ୍ରଜରାଜନଗର ବନାଞ୍ଚଳ ଅଧିକାରିଣୀ ରିସନା ଜାମଡ଼ାଲିଆ କାର୍ଯ୍ୟକ୍ରମ ଅଧ୍ୟକ୍ଷତା କରିଥିଲେ। ଅତିଥିଗଣ ଚାମ୍ପିଅନ ରାଜପୁର ଭିଏସ୍ଏସ୍ ଦଳକୁ ଓ ଉପବିଜେତା ବଡ଼ଯୋବ ଭିଏସ୍ଏସ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବ୍ରଜରାଜନଗର ଉପବନାଞ୍ଚଳ ଅଧିକାରିଣୀ ସୁଦେଷ୍ଣା ପ୍ରଧାନ, ରାଜପୁର ବନପାଳ ସରୋଜ ଭୋଇ, ବ୍ରଜରାଜନଗର ବନପାଳ ଅଜୟ ବିଶାଳ, ବନ୍ଧବାହାଲ ବନପାଳ ଗୌରାଙ୍ଗ ସାହୁ, ଇବଭ୍ୟାଲି ବନପାଳ ହରପ୍ରିୟା ଭୋଇ, ବନପାଳ ସଞ୍ଜୀବ ଚୌଧୁରୀ, ଉପେନ୍ଦ୍ର ବେସନ, ବନରକ୍ଷୀ କିଶୋର ଷଣ୍ଢ, ରିମା ପଟେଲ, ସୋନମ ପଟେଲ ଓ ସଂଘମିତ୍ରା ସାମଲ ପ୍ରମୁଖ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ୮ଟି ବନ ସୁରକ୍ଷା ସମିତି(ଭିଏସ୍ଏସ୍)କୁ ଗଠିତ ଦଳ ଅଂଶଗ୍ରହଣ କରିଥିଲେ।

## ଜନ୍ତୁ ଶିକାର ଉଦ୍ଦେଶ୍ୟରେ ବିଦ୍ୟୁତ୍ ଚୋରି ଅଭିଯୋଗ

**ଦେବଗଡ଼, ୧୮।୨(ସମିସ):** କୁଣ୍ଢେଇଗୋଲା ଫରେଷ୍ଟ ସେକ୍ସନ ଅଧୀନ ଗରିଆମାଳ ଗ୍ରାମରେ ମଙ୍ଗଳବାର ଏକ ଦନ୍ତା ହାତୀର ମୃତ୍ୟୁ ଘଟିଛି। ଏନେଇ ବିଦ୍ୟୁତ ବିଭାଗ ପକ୍ଷରୁ ତଦନ୍ତ କରାଯାଇଥିବା ବେଳେ ବୁଢ଼ାପାଳ ଇଲେକଟ୍ରିକାଲ ସେକ୍ସନର କନିଷ୍ଠ ଯନ୍ତ୍ରୀ ସିଦ୍ଧାର୍ଥ ସାହୁ ଏବାବଦରେ କୁଣ୍ଢେଇଗୋଲା ଥାନାରେ ଅଭିଯୋଗ କରିଛନ୍ତି। କେତେକ ଦୁର୍ବୃତ୍ତ ଗରିଆମାଳ ଗ୍ରାମରେ ଜନ୍ତୁ ଶିକାର ଉଦ୍ଦେଶ୍ୟରେ ୧୧ କେଭି ବିଦ୍ୟୁତ ତାରରୁ ହୁକ ଲଗାଇ ବିଦ୍ୟୁତ ଚୋରି କରୁଥିବା ଏବଂ ଜନ୍ତୁ ଶିକାର ଉଦ୍ଦେଶ୍ୟରେ ବିଛା ଯାଇଥିବା ଲୁହା ତାର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ଘଟିଥିବା ଦର୍ଶାଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ କୁଣ୍ଢେଇଗୋଲା ଥାନା ପୁଲିସ ଅଜଣା ଦୁର୍ବୃତ୍ତଙ୍କ ନାମରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ କାହାରିକୁ ଧରିପାରି ନାହିଁ।

## ଯାନ୍ତ୍ରିକ ବିଦ୍ୟାଳୟର ବାର୍ଷିକ ମହୋତ୍ସବ




**ଝାରସୁଗୁଡ଼ା, ୧୮।୨(ସମିସ):** ଝାରସୁଗୁଡ଼ା ଯାନ୍ତ୍ରିକ ବିଦ୍ୟାଳୟର ବାର୍ଷିକ ସାଂସ୍କୃତିକ ମହୋତ୍ସବ 'ଝୁମକୁଝୁମା' ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଗଣକବି ପଦ୍ମଶ୍ରୀ ହଳଧର ନାଗ ଏବଂ ସମ୍ମାନିତ ଅତିଥି ଭାବେ ଆର୍କିଟେକ୍ ମୋହନ ଚନ୍ଦ୍ର ନାୟକ ଯୋଗଦେଇଥିଲେ। ପଦ୍ମଶ୍ରୀ ଉପାଧି ପର୍ଯ୍ୟନ୍ତ ତାଙ୍କର ଜୀବନ ଯାତ୍ରା ସମ୍ପର୍କରେ କବି ହଳଧର ନାଗ ଉଲ୍ଲେଖ କରିଥିଲେ। ବାଲ୍ୟାବସ୍ଥାରୁ ସେ କିପରି ବିଭିନ୍ନ ପରିସ୍ଥିତି ମଧ୍ୟରେ ଗତିକରି ସଫଳତା ପାଇଛନ୍ତି ତାହା ଉଲ୍ଲେଖ କରିଥିଲେ। ସଫଳତା ପାଇବାକୁ ହେଲେ କଠିନ ପରିଶ୍ରମ କରିବାକୁ ସେ ପରାମର୍ଶ ଦେଇଥିଲେ। ଓଡିଆ ଓ ଇଂରାଜୀ ନିବନ୍ଧ, ଆଲୋଚନା, ଚିତ୍ରକଳା, ରଙ୍ଗୋଲି, ନୃତ୍ୟ (ସୋଲୋ ଏବଂ ଗ୍ରୁପ୍), ସଙ୍ଗୀତ ସହିତ ବାର୍ଷିକ ଆଥଲେଟିକ୍ ମିଟ୍ର କୃତୀ ଛାତ୍ରଙ୍କୁ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୋମ୍ୟ ସାଗର ତ୍ରିପାଠୀ ଏବଂ ସ୍ମିତ ଜ୍ୟୋତି ନାୟକ ମଞ୍ଚ ପରିଚାଳନା କରିଥିଲେ। ଅଧକ୍ଷା ରିନାତା ଦାସ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଏକାଡେମିକ୍ କୋର୍ଡିନେଟର୍ ଅମିତ ସାହୁ ଧନ୍ୟବାଦ ଜଣାଇଥିଲେ।

## ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ରକ୍ତଦାନ ଶିବିର



● ୪୧ ୟୁନିଟ୍ ସଂଗୃହୀତ

**ଦେବଗଡ଼, ୧୮।୨(ସମିସ):** ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ମଙ୍ଗଳବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଯୁବ ରେଡକ୍ରସ ସଂସ୍ଥା ଓ ଦେବଗଡ଼ ମୁଖ୍ୟ ଚିକିତ୍ସାଳୟର ମିଳିତ ସହଯୋଗରେ ଅନୁଷ୍ଠିତ ଶିବିରକୁ ଅନୁଷ୍ଠାନର ପରିଚାଳନା ସମିତିର ପୂର୍ବତନ ସଦସ୍ୟ ଅତୁଲ୍ୟ ପୂଝାରି, ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ ମହାରଣା ଶୁଭାରମ୍ଭ କରିଥିଲେ। ଶିବିରକୁ ଡାକ୍ତର ଗଙ୍ଗୋତ୍ରୀ ନାୟକଙ୍କ ତତ୍ତ୍ୱାବଧାନରେ ଟେକ୍ନିସିଆନ ଆଲୋକ ମହାପାତ୍ର, ଗୋପାଳକୃଷ୍ଣ ସାହୁ ଷ୍ଟାଫ୍ ନର୍ସ କ୍ଷୀରୋଦ ଚନ୍ଦ୍ର ନାୟକ ଓ ଆଟେଣ୍ଡାଣ୍ଟ ମନୋରଞ୍ଜନ ଧଳ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଯୁବ ରେଡ୍କ୍ରସ ସଂସ୍ଥା ଦାୟିତ୍ୱରେ ଥିବା ଅଧ୍ୟାପକ ଦାମୋଦର ନାୟକଙ୍କ ସହିତ ଅନୁଷ୍ଠାନର ବିଦ୍ୟାର୍ଥୀ ଏବଂ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ। ରକ୍ତଦାନ ଶିବିରରୁ ୪୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

# ଅର୍ଥାଭାବରୁ ହୋଇପାରୁନି ସଂକଟାପନ୍ନ ଶିଶୁର ଚିକିତ୍ସା

### ● ସହାୟତାର ହାତ ବଢ଼ାଇଲା ସ୍ୱେଚ୍ଛାସେବୀ ସଂଗଠନ

**ଦେବଗଡ଼, ୧୮।୨(ସମିସ):** ତିଳେଇବଣି ବ୍ଲକ ରଙ୍ଗମାଟିଆ ଗ୍ରାମର ଜଣେ ଶିଶୁ 'ରେଟିନୋବ୍ଲାଷ୍ଟୋମା' ରୋଗରେ ଆକ୍ରାନ୍ତ ହୋଇ ଜୀବନମରଣ ସହିତ ସଂଘର୍ଷ କରୁଥିବା ବେଳେ ଚିକିତ୍ସାରେ ଅର୍ଥାଭାବ ବାଧକ ସାଜିଛି। ଏବାବଦରେ ସୂଚନା ପାଇ ମଙ୍ଗଳବାର ଶିଶୁଟିର ଚିକିତ୍ସା ନିମନ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ହ୍ୟାପି ଟୁ ହେଲ୍ପ' ଆର୍ଥିକ ସହାୟତା ଯୋଗାଇବାସହ ସହାୟତାର ହାତ ବଢ଼ାଇଛନ୍ତି। ସୂଚନାନୁଯାୟୀ, ରଙ୍ଗମାଟିଆ ଗ୍ରାମର ଲିଙ୍ଗରାଜ ପାତ୍ର ଓ ଲଛମା ପାତ୍ରଙ୍କ ନବମ ସନ୍ତାନ ମୁନା(୭)ର ଗତ କିଛିମାସ ହେବ ଡାହାଣ ଆଖିରେ ମାଂସ ପିଣ୍ଡୁଳା ଆସ୍ୱାଭାବିକ ଭାବେ ବୃଦ୍ଧି ପାଇ ଆଖି ଡୋଳା ବାହାରକୁ ବାହାରି ପଡ଼ିଛି। ତେବେ ମୁନାଙ୍କ ପିତା ଲିଙ୍ଗରାଜ ମଦ୍ୟପ ଥିବାରୁ ରୋଜଗାର ଶୂନ୍ୟହୋଇ ସ୍ତ୍ରୀ ଲଛମାଙ୍କ ରୋଜଗାରରେ ୯ ସନ୍ତାନ ସନ୍ତତିଙ୍କୁ ନେଇ କଷ୍ଟରେ ଜୀବନଯାପନ ତଥା ପୁଅର ଅସାଧ୍ୟ ରୋଗର



ଚିକିତ୍ସା ତା ପାଇଁ ଅସମ୍ଭବ ହୋଇପଡ଼ିଛି। ଉକ୍ତ ଶିଶୁ ପୁତ୍ରକୁ ଲଛମା ଚିକିତ୍ସା ପାଇଁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଭୀମସାର, କଟକ ବଡ଼ ମେଡିକାଲ ଓ ଏମ୍ସ ପର୍ଯ୍ୟନ୍ତ ନେଇଥିଲେ। ହେଲେ ଅର୍ଥାଭାବ କାରଣରୁ ଚିକିତ୍ସା ପୂର୍ବରୁ ପୁଅକୁ ଘରକୁ ଫେରାଇ ଆଣି ନିରାଶ ହୋଇଥିଲେ। ଏସମ୍ପର୍କରେ ଖବର ପାଇ 'ହ୍ୟାପି ଟୁ ହେଲ୍ପ' ପକ୍ଷରୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅନୁଷ୍ଠାନର ବହୁ ସଦସ୍ୟ ଅର୍ଥ ସଂଗ୍ରହ କରି ମଙ୍ଗଳବାର ରାତିରେ ପୀଡ଼ିତ ଶିଶୁପୁତ୍ରର ଘରକୁ ଯାଇ ମାଆ ଲଛମାଙ୍କୁ ୨୮ ହଜାର ଟଙ୍କା ନଗଦ ଓ ବ୍ୟାଙ୍କ ଆକାଉଣ୍ଟରେ ମଧ୍ୟ କିଛି ଟଙ୍କା ଜମା କରି ଚିକିତ୍ସା ପାଇଁ ସହାୟତାର ହାତ ବଢ଼ାଇଛନ୍ତି। ଅନୁଷ୍ଠାନର ଉଦ୍ୟୋକ୍ତା ରାଜକିଶୋର ଦାସ, ଯତୀନ ନାୟକ, ବାଦଲ ବ୍ରିନେଦ, ଭୂପେନ୍ଦ୍ର ପ୍ରସାଦ ନାୟକ ଓ ଭୁବନମୋହନ ନାଏକ ପ୍ରମୁଖ ଉକ୍ତ ଅର୍ଥରାଶି ପୀଡ଼ିତ ଶିଶୁର ମାଆ ଲଛମାଙ୍କୁ ପ୍ରଦାନ କରିଛନ୍ତି। ଆସନ୍ତାକାଲି(ବୁଧବାର) ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମ୍ବୁଲାନ୍ସରେ ଭୁବନେଶ୍ୱରର ଏକ ଚକ୍ଷୁ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତୀ କରାଯିବ ବୋଲି ଜଣାପଡ଼ିଛି।

